# ଧାନକିଣାକୁ ନେଇ ବର୍ଷିଲେ ପୂର୍ବତନ ସାଂସଦ

## ୭ ଦିନରେ ଜିଲ୍ଲାର ସବୁ ମଣ୍ଡି କାର୍ଯ୍ୟକ୍ଷମ ନ ହେଲେ ଆନ୍ଦୋଳନ ଚେତବାନୀ

**ବଲାଙ୍ଗିର, ୧୪ ।୧୨(ସମିସ)**

ବଲାଙ୍ଗିର ଜିଲ୍ଲା ତଥା ସାରା ପଶ୍ଚିମଓଡ଼ିଶାର ଚାଷୀଙ୍କୁ ରାଜ୍ୟ ସରକାର ଅବହେଳା ପ୍ରଦର୍ଶନ କରୁଛନ୍ତି । ସରକାର ଓ ପ୍ରଶାସନ ମିଶି ଚାଷୀଙ୍କୁ ଶୋଷଣ

### ବାଲଗୋପାଳ ମିଶ୍ରଙ୍କ ସାମ୍ବାଦିକ ସମ୍ମିଳନୀ

### ଚାଷୀ ଶୋଷଣ ପାଇଁ ସରକାରୀ ଷଡଯନ୍ତ୍ର ଅଭିଯୋଗ

କରିବାକୁ ବଡ ଷଡଯନ୍ତ୍ର କରାଯାଉଛି । ଚାଷୀଙ୍କ ଧାନରୁ ଟଙ୍କା ନେଇ ଚାଷୀଙ୍କୁ ଟଙ୍କା ଦେଉଥିବା କହି ସରକାର ଚାଷୀଙ୍କୁ ଠକୁଛନ୍ତି । ୭ ଦିନରେ ସମ୍ପୂର୍ଣ୍ଣ ଭାବେ ବଲାଙ୍ଗିର ଜିଲ୍ଲାର ସମସ୍ତ ମଣ୍ଡି କାର୍ଯ୍ୟକ୍ଷମ ନ ହେଲେ କୋଶଲୀ କିଷାନ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ପୂର୍ବତନ ସାଂସଦ ବାଲଗୋପାଳ ମିଶ ଚେତାବନୀ ଦେଇଛନ୍ତି ।

ବଲାଙ୍ଗିର କୋଶଲୀ କିଷାନ ପକ୍ଷରୁ ଆୟୋଜିତ ହୋଇଥିବା ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ସାଂସଦ ବାଲଗୋପାଳ ମିଶ୍ର ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛନ୍ତି । ବଲାଙ୍ଗିର ଜିଲ୍ଲାରେ ଗତ ୫ ତାରିଖରେ ଧାନକିଣା ଶୁଭାରମ୍ଭ କରାଯାଇଥିଲା । କିଛି ପରିମାଣର ଧାନ ମଧ୍ୟ ଲୋଇସିଂହା ମଣ୍ଡିରେ ସେହିଦିନ କିଣାଯାଇଥିଲା ।




ଏହା ପରେ ଆଉ ଗୋଟିଏ ବି ଧାନ କିଣାଯାଇ ନ ଥିବା ସେ ଅଭିଯୋଗ କରିଛନ୍ତି । ଉଦଘାଟନର ୧୦ ଦିନ ପରେ ବି ଜିଲ୍ଲାରେ ଗୋଟିଏ କେଜି ଧାନ ଉଠିନାହିଁ । ହାତଗଣତି କିଛି ଚାଷୀଙ୍କ ଟୋକନ ଆସିଛି; ଯାହାକି ଲାପ୍ସ ହେବା ଉପରେ ରହିଛି । ଅନ୍ୟପକ୍ଷରେ ମିଲ୍‌କୁ ପ୍ରତିଦିନ କ୍ୱିଣ୍ଟାଲ କ୍ୱିଣ୍ଟାଲ ଧାନ ଯାଉଛି; ଯାହାର ଯାଞ୍ଚ ଯୋଗାଣ ବିଭାଗ କରିବା କଥା; କିନ୍ତୁ ସେ ମଧ୍ୟ କରୁନାହିଁ । ରାଜ୍ୟ ସରକାର ସମ୍ପୂର୍ଣ୍ଣ ଭାବେ ଚଳିତ ଖରିଫରେ ଧାନକିଣିବାରେ ବିଫଳ ହୋଇଥିବା ଶ୍ରୀ ମିଶ୍ର ଅଭିଯୋଗ କରିଛନ୍ତି । ଏହି ବିଫଳ ଧାନକିଣା ବ୍ୟବସ୍ଥାର ପ୍ରମାଣ ହେଉଛି ପଡୋଶୀ ବରଗଡ଼ ଜିଲ୍ଲାରେ ଚାଲିଥିବା ଚାଷୀ ଆନ୍ଦୋଳନ ବୋଲି ସେ କହିଛନ୍ତି । ଚାଷୀମାନେ ମିଳିତ ଭାବେ ଆନ୍ଦୋଳନ କରିବା ବିଷୟକୁ ସେ ପ୍ରଶଂସା କରିବା ସହ ଏହି ଆନ୍ଦୋଳନକୁ ସମର୍ଥନ କରିବା ପାଇଁ ଅନୁରୋଧ କରିଛନ୍ତି । ତେବେ ବଲାଙ୍ଗିର ଜିଲ୍ଲାରେ ଆସନ୍ତା ୭ ଦିନ ଭିତରେ ସମସ୍ତ ମଣ୍ଡି କାର୍ଯ୍ୟକ୍ଷମ କରା ନ ଗଲେ ତାଙ୍କ ନେତୃତ୍ୱରେ ଜିଲ୍ଲାରେ ଚାଷୀ ଆନ୍ଦୋଳନ ହେବା ନିଶ୍ଚିତ ବୋଲି କହିଛନ୍ତି । ସେ ନିଜେ ଜଣେ ଚାଷୀ ହୋଇଥିବାରୁ ଚାଷୀଙ୍କ ପାଇଁ କେହି ସମର୍ଥନ ନ କଲେ ବି ନିଜେ ଏକାକୀ ଆନ୍ଦୋଳନ କରିବେ ବୋଲି କହିଛନ୍ତି । ଆବଶ୍ୟକ ହେଲେ ଧାରଣା, ଅନଶନ, ଆନ୍ଦୋଳନ କରାଯିବ । ଯାହାକିଛି କାର୍ଯ୍ୟାନୁଷ୍ଠାନ ହେଲେ ବି ତାଙ୍କର ଖାତିର ନାହିଁ ବୋଲି ସେ କଡା ସ୍ୱରରେ ଚେତବାନୀ ଦେଇଛନ୍ତି । ତେବେ ସରକାର ଦେଉଥିବା ବୋନସ ଟଙ୍କା ଚାଷୀଙ୍କ ପକେଟରୁ ଯାଉଥିବା ସେ କହିଛନ୍ତି । ଯଦି ଚାଷୀଙ୍କ ପାଇଁ ସରକାରଙ୍କ ଦରଦ ଅଛି ତେବେ ବୋନସ ବଦଳରେ ସେହି ଟଙ୍କାକୁ ଧାନର ଏମଏସପି ବୋଲି ଘୋଷଣା କରିବାକୁ ସେ ଦାବି କରିଛନ୍ତି । ତେବେ ମଣ୍ଡି ନ ଖୋଲିବା, ମିଲର ଟ୍ୟାଗିଂ ନ ହେବା ଘଟଣାକୁ ସେ ସରକାରୀ ଷଡଯନ୍ତ୍ର ବୋଲି କହିଛନ୍ତି । ଚାଷୀଙ୍କୁ ଶୋଷଣ କରିବା ସହ ବୋନସ ଟଙ୍କାକୁ ହଡପ କରିବା ପାଇଁ ଏହିଭଳି ପରିସ୍ଥିତି ବଲାଙ୍ଗିର ଜିଲ୍ଲା ତଥା ପଶ୍ଚିମଓଡ଼ିଶାର ଅନ୍ୟ ଜିଲ୍ଲାରେ ସୃଷ୍ଟି କରାଯାଇଥିବା ଶ୍ରୀ ମିଶ୍ର କହିବା ସହ ଆନ୍ଦୋଳନ ଚେତାବନୀ ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମିଶ୍ରଙ୍କ ସହ ପାକ୍ସ ସଭାପତି ପ୍ରମୋଦ ମିଶ୍ର, ଗୋବିନ୍ଦ ମେହେର, ସରପଞ୍ଚ କସ୍ତୁବ ସାହୁ, ସମିତି ସଭ୍ୟ ନରେଶ ସାହୁ, ବୀରେନ୍ଦ୍ର ସାହୁ, ଆକାଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଧାନଖରୀ ପୋଡ଼ିଦେଲେ ଦୁର୍ବୃତ୍ତ

**ଦେଓଗାଁ, ୧୪ ।୧୨(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଉଡାର ପଞ୍ଚାୟତ ଜଲିଆ ଗାଁରେ ଜଣେ ଚାଷୀ ଗଚ୍ଛିତ ରଖିଥିବା ଧାନଖରୀକୁ କେହି ପୋଡି ଦେଇଛି । ଜଲିଆ ଗାଁର ସୂର୍ଯ୍ୟନାରାୟଣ ନାଏକ ଜଲିଆ ଓ ଅସୁରଡୁଙ୍ଗୁରୀ ମଝିରେ ରହିଥିବା ଖଳାରେ ପ୍ରାୟ ୧୦ ଏକର ଜମିରେ ଚାଷ କରିଥିବା ଧାନକୁ ଅମଳ ପରେ ଖଳାରେ ଗଚ୍ଛିତ କରି ଖରୀ ଆକାରରେ ରଖିଥିଲେ । ସୋମବାର ଧାନ ମଡାଇବାପାଇଁ ସମସ୍ତ ପ୍ରସ୍ତୁତି କରିସାରିଥିବା ବେଳେ ରବିବାର ପ୍ରାତଃ ସମୟରେ କେହି ନିଆଁ ଲଗାଇଦେଇଥିଲା । ଖବର ପାଇ ସେ ଦିନ ପ୍ରାୟ ୧୨ଟା ସମୟରେ ଖଳାକୁ ଯାଇ ଦେଖିଲା ବେଳକୁ ପ୍ରାୟ ସମସ୍ତ ଧାନ ପୋଡି ପାଉଁଶ ହୋଇଯାଇଥିଲା । ଦେଓଗାଁ ଅଗ୍ନିଶମ ବିଭାଗକୁ ଖବର ଦେବା ପରେ ଅଗ୍ନିଶମ ଅଧିକାରୀ ଲାଲୁ ମୁଣ୍ଡାଙ୍କ ନେତୃତ୍ୱରେ ୨ଟି ଦମକଳ ପହଞ୍ଚି ନିଆଁ ଲିଭାଇଥିଲା । ତେବେ ଚାଷୀଙ୍କ ପ୍ରାୟ ୬ଶହ ବସ୍ତାର ଧାନ ସମ୍ପୂର୍ଣ୍ଣ ପୋଡି ପାଉଁଶ ହୋଇଯାଇଛି । ସୂର୍ଯ୍ୟନାରାୟଣ ଏବେ ହତାଶ ହୋଇ ପଡ଼ିଛନ୍ତି । କେମିତି ଧାରକରଜ ସୁଝିବେ ଓ ପରିବାର ପ୍ରତିପୋଷଣ କରିବେ ସେନେଇ ଘୋର ଚିନ୍ତା ଘାରିଛି । ସରକାର କ୍ଷତିପୂରଣ ଯୋଗାଇଦେବାକୁ ସେ ନିବେଦନ କରିଛନ୍ତି । ଖବର ପାଇ କିଛି ସ୍ୱେଚ୍ଛାସେବୀ ଓ ଆମ ଆଦମୀପାର୍ଟିର ଜିଲ୍ଲା ଆବାହକ ଆଶିଷ ପାଣ୍ଡେ ତାଙ୍କ ନିକଟରେ ପହଞ୍ଚି ଆଶ୍ୱାସନା ଦେଇଛନ୍ତି । ତାଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେବାକୁ ଦାବି କରିବା ସହ ଘଟଣାର ନିରପେକ୍ଷ ତଦନ୍ତ କରିବା ପାଇଁ ଦାବି କରିଛନ୍ତି । ପ୍ରଶାସନ ତୁରନ୍ତ କ୍ଷତିପୂରଣ ପ୍ରଦାନ ନ କଲେ ଆମ ଆଦମୀ ପାର୍ଟି ତରଫରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି । ପ୍ରକାଶଯେ, ନଭେମ୍ବର ମାସ ୨୮ ତାରିଖରେ ମକୁନ୍ଦପୁର ପଞ୍ଚାୟତ ଭୀମଡୁଙ୍ଗୁରୀ ଗାଁରେ ଚାଷୀ ପଦ୍ମନାଭ ଭୋଇଙ୍କ ଧାନଖରିକୁ କେହି ପୋଡି ଦେଥିଲା । ସେହିଭଳି ଗତ ୭ ତାରିଖରେ ଉଡାର ପଞ୍ଚାୟତ ଉଡାର ଗାଁର ଗୋବିନ୍ଦ ପଧାନଙ୍କ ଗଚ୍ଛିତ ଧାନଖରୀକୁ ମଧ୍ୟ କେହି ନିଆଁ ଲଗାଇ ଦେଇଥିଲା ।

# ମଣ୍ଡି ଖୋଲିବାରେ ବିଳମ୍ବ: ତାତିଲେଣି ଚାଷୀ

**ସଇଁତଲା, ୧୪ ।୧୨(ସମିସ):** ଚାଷୀ ବିଲରୁ ଧାନ କାଟି ଘରେ ଏବଂ ଖଳାରେ ସାଇତି ରଖିଲେଣି । କେତେକ ଚାଷୀ ଧାର କରଜ ଯୋଗୁଁ କମ୍ ମୂଲ୍ୟରେ ଧାନ ବିକିବାକୁ ବାଧ୍ୟ ହେଲେଣି; ହେଲେ ଏଯାଏଁ ବଲାଙ୍ଗୀର ଜିଲ୍ଲା ସଇଁତଲା ଅଞ୍ଚଳରେ ମଣ୍ଡି ଆରମ୍ଭ ହୋଇ ପାରିନାହିଁ । ଏହାଫଳରେ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । କେତେକ ଚାଷୀ ଏନେଇ ସଇଁତଲା ତହସିଲଦାରଙ୍କ ନିକଟରେ ଫେରାଦ ହେଲେଣି । ଜନଶୁଣାଣି ଶିବିରରେ ମଧ୍ୟ ଚାଷୀ ମଣ୍ଡି ବ୍ୟବସ୍ଥା ତ୍ୱରାନ୍ୱିତ କରିବା ସହ ଟୋକନ ଆସି ନ ଥିବା ବିଷୟରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଜିଲ୍ଲାପାଳ ଉତ୍ତରରେ କହିଥିଲେ ଏ ବିଷୟରେ ସରକାରଙ୍କୁ ଅବଗତ କରାଯିବ । ଜିଲ୍ଲା ଯୋଗାଣ ଅଧିକାରୀ କହିଥିଲେ ପ୍ରାୟ ଲୋକଙ୍କ ଟୋକନ ଆସି ସାରିଛି । ଯେଉଁମାନଙ୍କ ପାଖକୁ ମେସେଜ ପହଞ୍ଚି ନାହିଁ ସେମାନେ ଟୋଲ ଫ୍ରି ହେଲ୍ପଲାଇନ ନମ୍ବରରେ ଯୋଗାଯୋଗ କରିପାରିବେ । ତେବେ ନଭେମ୍ବର ୨୦ରୁ ମଣ୍ଡି ଖୋଲିବ ବୋଲି ସରକାର ଘୋଷଣା କରିଥିଲେ; କିନ୍ତୁ ତାହା ହୋଇ ପାରିନାହିଁ । ସେହିଭଳି ଗତଥର ଦଳୀୟ କର୍ମୀ ମଣ୍ଡି ଜଗିବେ । ଏହାଦ୍ୱାରା ମଣ୍ଡିରେ ସ୍ୱଚ୍ଛତା ଆସିବ ବୋଲି କୁହାଯାଇଥିଲା; କିନ୍ତୁ କଟ୍‌ନି ଛଟ୍‌ନିକୁ ରୋକା ଯାଇ ପାରି ନ ଥିଲା । ତେବେ ମଣ୍ଡି ଖୋଲିବା ଯେତେ ବିଳମ୍ବ ହେଉଛି ଅସାଧୁ ବ୍ୟବସାୟୀଙ୍କୁ ତାହା ସୁହାଉଛି । ଟୋଲ ଫ୍ରି ହେଲ୍ପଲାଇନ ନମ୍ବର ଲାଗୁନାହିଁ ବୋଲି ଚାଷୀ କହିଛନ୍ତି; ହେଲେ ରାଜ୍ୟସାରା ଚାଷୀ ଫୋନ୍ କରୁଛନ୍ତି । ଏଣୁ ବ୍ୟସ୍ତ ରହିବା ସ୍ୱାଭାବିକ । ଚାଷୀମାନେ ଫୋନ୍ କରିବାକୁ ଚେଷ୍ଟା ଜାରି ରଖନ୍ତୁ ବୋଲି କୁହାଯାଉଛି । କେତେକ ଚାଷୀ ମଣ୍ଡିକୁ ଧାନ ଆଣି ପକାଇ ସାରିଲେଣି; ହେଲେ ଆଜି ଯାଏଁ ସଇଁତଲା ଅଞ୍ଚଳର କୌଣସି ମଣ୍ଡିରୁ ଧାନ ଉଠିପାରୁନି । ନଭେମ୍ବର ୨୯ରୁ ଧାନ ମଣ୍ଡି ଆରମ୍ଭ ହେବ ଓ ଧାନ କିଣାବିକା ହେବାକୁ ସରକାର ନିଷ୍ପତ୍ତି ନେଇଛନ୍ତି; ହେଲେ ଡିସେମ୍ବର ଅଧା ସରିବାକୁ ବସିଲାଣି କିନ୍ତୁ ମଣ୍ଡି ଖୋଲା ହୋଇ ପାରିନାହିଁ । ପ୍ରବଳ ଶୀତ କାକରରେ ଚାଷୀ ଖଳାରେ ଧାନ ଗଚ୍ଛିତ ରଖି ମଣ୍ଡି କେବେ ଖୋଲିବ ଅନାଇ ବସିଛି; କିନ୍ତୁ କେବେ ମଣ୍ଡି ଖୋଲିବ ଏହାର ଉତ୍ତର କେହି ଦେଇ ପାରୁ ନାହାନ୍ତି । ଦଲାଲ ଓ ରାଇସ୍ ମିଲ୍ ମାଲିକ କମ୍ ମୂଲ୍ୟରେ ଧାନ କିଣିବା ଆରମ୍ଭ କରି ଦେଲେଣି । ଏପରିକି କିଛି ମିଲ୍‌କୁ ମଧ୍ୟ ଟ୍ରକ୍ ଟ୍ରକ୍ ଧାନ ଚାଲାଣ ହେବାକୁ ଲାଗିଲାଣି । ଏ ଦିଗରେ ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଚାଷୀଙ୍କ ମହଲରେ ଦାବି ହେଉଛି । ଅନ୍ୟଥା ଚାଷୀ ଆନ୍ଦୋଳନକୁ ଏଡାଇ ଦିଆଯାଇ ନ ପାରେ ।

# କଣ୍ଟାବାଞ୍ଜିରେ ଅନ୍‌ଲାଇନ୍ ସଟା କାରବାର

**କଣ୍ଟାବାଞ୍ଜି, ୧୪ ।୧୨(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହରରେ ଏବେ ଅନଲାଇନ ଯୋଗେ ଖୋଲାମେଲା ବେଆଇନ ସଟା କାରବାର ଚାଲିଛି । ଟଙ୍କା ଲୋଭରେ ପଡ଼ି ଯୁବପିଢି ଏଥିରେ ମାତିଛନ୍ତି । କିଛି ଅଣ ଓଡ଼ିଆ ଯୁବକ ସଟା ଖେଳାଇ ଏଥିରେ କୋଟି କୋଟି ଟଙ୍କା କମାଇ ମାଲେମାଲେ ହେଉଛନ୍ତି ।

### ଜୟପୁରରେ ରହି କଣ୍ଟାବାଞ୍ଜିକୁ ନିୟନ୍ତ୍ରଣ

### ତେଇଁ ଶୋଇଛି ସ୍ଥାନୀୟ ପୁଲିସ

କଣ୍ଟାବାଞ୍ଜି ସହରର ୨ ଜଣ ଯୁବକ ଆପ୍ ବ୍ୟବହାର କରି ବାଲାଜୀ ଅନଲାଇନ ବୁକ୍ ନାଁରେ ଏକ ଆଇଡି ଖୋଲଇଛନ୍ତି । ସେଥିରେ ଏକ ମୋବାଇଲ ନମ୍ବର ଦିଆଯାଇଛି; ଯେଉଁଥିରେ ଲୋକେ ମେସେଜ କଲେ ଟଙ୍କା ପଠାଇବାକୁ ନିର୍ଦ୍ଦେଶ ଆସୁଛି; ଯାହା ଦ୍ୱାରା ଲୋକେ ସେଥିରେ ଟଙ୍କା ପଠାଇ ଏହି ସଟା ଖେଳୁଛନ୍ତି । ଜଣେ କଣ୍ଟାବାଞ୍ଜିରେ ରହି ଏହି କାମ କରୁଥିବା ବେଳେ ଅନ୍ୟ ଜଣେ ଜୟପୁରରେ ରହି ଏହି ସବୁକୁ କଣ୍ଟାବାଞ୍ଜିରେ ନିୟନ୍ତ୍ରଣ କରୁଛି । ଯୁବପିଢୀ ଓ ବ୍ୟବସାୟଙ୍କୁ ଏମାନେ ଟଙ୍କାର ଏମିତି ପ୍ରଲୋଭନ ଦେଖାଇଛନ୍ତି ଯେ ଅନଲାଇନରେ ସେମାନେ ଲକ୍ଷ ଲକ୍ଷ ଟଙ୍କା ସଟା ଖେଳି କ୍ଷତିଗ୍ରସ୍ତ ହେଉଛନ୍ତି । ଏହାଦ୍ୱାରା ସେମାନେ ଆତ୍ମହତ୍ୟା ଉଦ୍ୟମ କରିଥିବା ମଧ୍ୟ ନଜିର ରହିଛି । ତେବେ ଏହିଭଳି ବେଆଇନ ସଟା କାରବାର କରୁଥିବା ବ୍ୟକ୍ତିମାନଙ୍କ ବିରୋଧରେ ପୁଲିସ କଡ଼ା କାର୍ଯ୍ୟାନୁଷ୍ଠାନ କରିବାରେ ପଛଘୁଞ୍ଚା ଦେଉଛି । ଗୋଟିଏ ପଟେ ସାଇବର ଠକକୁ ନେଇ ପୁଲିସ ସଚେତନ କରୁଛି । ଅନ୍ୟପଟେ ପୁଲିସ ଆଖି ସାମ୍ନାରେ ସୋସିଆଲ ମିଡିଆ ଆପ୍ ବ୍ୟବହାର କରି ସଟା ଚାଲିଛି । ପୁଲିସ କିନ୍ତୁ ଚୁପ୍ ରହିବା ଅନେକ ପ୍ରଶ୍ନ ଉଠିଛି ।

## ୫ମ ବାର୍ଷିକ ଜିଲ୍ଲାସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ସିଆଳଝୁଡ଼ଙ୍ଗି ଚାମ୍ପିଅନ

**ମୁରିବାହାଲ, ୧୪ ।୧୨(ସମିସ):** ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ବଡ଼ସାଇମରା ପଞ୍ଚାୟତ ଅଣ୍ଡାଳଦୋର ଖେଳ ପଡ଼ିଆରେ ରବିବାର ଜିଲ୍ଲାସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ




ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ଖେଳରେ ସିଆଳଝୁଡ଼ଙ୍ଗି ଚାମ୍ପିଅନ ହୋଇଛି । ଜଗନ୍ନାଥ ଯୁଥ୍ ଆସୋସିଏସନ ତରଫରୁ ଗତ ୬ ତାରିଖଠାରୁ ୫ମ ବାର୍ଷିକ ଜିଲ୍ଲାସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଚାଲିଥିଲା । ରବିବାର ଉଦ୍‌ଯାପନୀ ମ୍ୟାଚ୍ ତଥା ଫାଇନାଲ ଖେଳ ଖରସେଲବାଞ୍ଜି ଓ ସିଆଳଝୁଡ଼ଙ୍ଗି ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଉଭୟ ଦଳ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ । ଟାଇବ୍ରେକର ଜରିଆରେ ୪/୩ ଗୋଲରେ ସିଆଳଝୁଡ଼ଙ୍ଗୀ ବିଜୟୀ ହୋଇ ଚାମ୍ପିଅନ ହୋଇଛି । ବଲାଙ୍ଗୀର ଜିଲ୍ଲା ଭାଜପା ସଭାପତି ଶ୍ରୀବତ୍ସ ବେହେରା, ବିଶିଷ୍ଟ କ୍ରୀଡ଼ାବିତ ପୁରୁନ ବାଗ, ଗଙ୍ଗାଧର ହେର୍ଣ୍ଣା, ସାମାଜିକ କର୍ମୀ ପୃଥ୍ୱୀ ପାତ୍ର, କ୍ରୀଡ଼ାବିତ କେଦାର ବଡ଼ଜେନା, ପପୁ ପାତ୍ର, ସୁଶାନ୍ତ ପାତ୍ର, ମନୋଜ ପାତ୍ର, ଅବସରପ୍ରାପ୍ତ ସୈନିକ ଚନ୍ଦ୍ରମନି ବାଗ ଓ ଜାନକୀ ବଲ୍ଲଭ ମଲ୍ଲିକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଉଭୟ ମ୍ୟାଚକୁ ଗଣେଶ ଭୋଇ, ଦୁଷ୍ମନ୍ତ ବେହେରା, ଅକ୍ଷୟ ଭୋଇ ପ୍ରମୁଖ ପରିଚାଳନା କରିଥଲେ । ଶ୍ରେଷ୍ଠ ଗୋଲ କିପରି ଭାବେ ଖରସେବାଞ୍ଜିର ନୟନ ବାରିକ, ଶ୍ରେଷ୍ଠ ଖେଳାଳି ଭାବେ କୈବର୍ତ୍ତ ଚନ୍ଦନ ଓ ଶ୍ରେଷ୍ଠ ସ୍କୋରର ଭାବେ ମଗସୀର ଭୋଇକୁ ଟ୍ରଫି ଦେଇ ସମ୍ମାନିତ କାରାଯାଇଛି । ଯୁଥ୍ ଆସୋସିଏସନର ସଭାପତି ସୁରେଶ ଭୋଇ ଓ ଟୁର୍ଣ୍ଣାମେଣ୍ଟ କମିଟି ସଭାପତି କୀର୍ତ୍ତନ ଛତ୍ରିଆଙ୍କ ନେତୃତ୍ୱରେ ଗୋପୀନାଥ ବାଗ, ଧନଞ୍ଜୟ ଭୋଇ, ପରମାନନ୍ଦ ଭୋଇ ତୁଳସୀ ଭୋଇ ଓ ସମ୍ରାଟ ପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

# 'ଏବେ ଆମ ଯୁବପିଢ଼ି ସମ୍ମୁଖରେ ଆହ୍ୱାନ' ଶୀର୍ଷକ ଆଲୋଚନାଚକ୍ର

**ବଲାଙ୍ଗିର, ୧୪ ।୧୨(ସମିସ):** ବର୍ତ୍ତମାନର ଯୁବପିଢ଼ିଙ୍କ ଆଗରେ ଆହ୍ୱାନ ଅନେକ । ପ୍ରତିଯୋଗିତା ମଧ୍ୟ ଅନେକ । ସେମାନେ ନିଜକୁ ମୋବାଇଲର କୃତ୍ରିମ ଦୁନିଆ ଭିତରେ ଆବଦ୍ଧ ନ ରଖି ନିଜ ଭିତରେ ଥିବା ପ୍ରକୃତ ଗୁଣକୁ ଚିହ୍ନନ୍ତୁ । ଅଭିଭାବକମାନେ ସେମାନଙ୍କ ଉପରେ ପାଠର ବୋଝ ନ ଲଦି ମୁକ୍ତ ବିଚାର ପାଇଁ ପ୍ରେରଣା ଦିଅନ୍ତୁ । ବଲାଙ୍ଗୀରର ଅଗ୍ରଣୀ ସାହିତ୍ୟ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ 'ରଚନା' ଦ୍ୱାରା ଆୟୋଜିତ 'ମାସିକ ରଚନା ସନ୍ଧ୍ୟା' କାର୍ଯ୍ୟକ୍ରମରେ ଏହି ମତ ପ୍ରକାଶ ପାଇଛି । ଅଧ୍ୟାପକ



ଡ. କବିରାଜ ଭୋଇଙ୍କ ସଂଯୋଜନାରେ ସ୍ଥାନୀୟ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ସଭାକକ୍ଷଠାରେ ଆୟୋଜିତ 'ଏବେ ଆମ ଯୁବପିଢ଼ି ସମ୍ମୁଖରେ ଆହ୍ୱାନ' ଶୀର୍ଷକ ଆଲୋଚନାଚକ୍ରରେ ପ୍ରଥମେ ସେଞ୍ଚୁରୀୟନ ପବ୍ଲିକ ସ୍କୁଲର ଛାତ୍ର ଅଂଶୁମାନ ଦେବତା ଓ ସିଏନସିର ଛାତ୍ର ଜୟଶଙ୍କର ଅଗ୍ରୱାଲ ନିଜେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟାର ବର୍ଣ୍ଣନା କରିଥିଲେ । ଅତିଥିବକ୍ତା ଭାବେ ସରକାରୀ ମହିଳା ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡ. ଅନୁରାଧା ମିଶ୍ର ଏବଂ ସିଆରପିଏଫର ଅବସରପ୍ରାପ୍ତ ଉପନିରୀକ୍ଷକ ଦିଲୀପ ପୁରୋହିତ ଯୋଗଦେଇ ଯୁବପିଢ଼ିଙ୍କ ଭିତରେ କଳ୍ପନାଶକ୍ତି ଧିରେ ଧିରେ ହ୍ରାସ ପାଉଛି । ସେମାନେ ସୃଜନଶୀଳ ନ ହୋଇ ରୋଜଗାରକ୍ଷମ ହେବାକୁ ଅଧିକ ପ୍ରୟାସ କରୁଛନ୍ତି । ଏହା ଫଳରେ ବିଫଳତାକୁ ସାମ୍ନା କରି ନ ପାରି ଅବସାଦଗ୍ରସ୍ତ ହେଉଛନ୍ତି ବୋଲି ନିଜ ବକ୍ତବ୍ୟରେ କହିଥିଲେ । ପରେ ଭାବ ବିନିମୟ କାର୍ଯ୍ୟକ୍ରମରେ ଗାଳ୍ପିକ ପ୍ରଦୀପ ମିଶ୍ର ଏବଂ ଅଧ୍ୟାପକ ସଦାଶିବ ସାହୁ ବିଷୟବସ୍ତୁ ଉପରେ ନିଜର ମତ ରଖିଥିଲେ । ଶେଷରେ ରଚନାର ସହସମ୍ପାଦକ ରତ୍ନମୟ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ସରକାରୀ ଆବାସିକ ବାଳିକ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

**ସଇଁତଲା, ୧୪ ।୧୨(ସମିସ):** ସଇଁତଲା ବ୍ଲକ କାର୍ଯ୍ୟାଳୟ ନିକଟସ୍ଥ ସରକାରୀ ଆବାସିକ ବାଳିକା ଉଚ୍ଚ ବିଦ୍ୟାଳୟ (ଏସଏସଡ଼ି)ର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୁର୍ଯ୍ୟୋଧନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବଲାଙ୍ଗିରର ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା, ଟିଟିଲାଗଡ଼ର ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ହିମାଂଶୁ ଶେଖର କୁମ୍ଭାର, ବଲାଙ୍ଗିର ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରତାପ ଚନ୍ଦ୍ର ମହାନ୍ତି, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଦାମୋଦର ବିଶ୍ୱାଳ, ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ଭରତ ବିଶି, ଟିଟିଲାଗଡ଼ ମହାବିଦ୍ୟାଳୟର ବନ୍ଦନା କର ଅତିଥି ଭାବେ ଯୋଗ ଦେଇଥିଲେ । ବାର୍ଷିକ କ୍ରୀଡ଼ା ପ୍ରତିଯୋଗୀତାରେ କୃତୀ ଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ବିଦ୍ୟୁଲତା ଦେଇ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷୟତ୍ରୀ ବିଜୟଲକ୍ଷ୍ମୀ ଦାଶ ମଞ୍ଚ ପରିଚାଳନା କରିଥିଲେ । ସଙ୍ଗୀତା ରଥ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ ଶିକ୍ଷୟିତ୍ରୀ ଶ୍ରୀଲତା ମିଶ୍ର ଧନ୍ୟବାଦ ଜ୍ଞାପନ କରିଥିଲେ ।

# ଶ୍ରୀ ହରିନାମ ପ୍ରଚାର ସମିତି ପକ୍ଷରୁ କମ୍ବଳ ବଣ୍ଟନ



**ବଲାଙ୍ଗିର, ୧୪ ।୧୨(ସମିସ):** ପ୍ରବଚିକା, ଅଧ୍ୟାପିକା ତଥା ସୁଲେଖିକା ଏଲୋରା ମିଶ୍ରଙ୍କ ଦ୍ୱାରା ଗଠିତ ଶ୍ରୀହରିନାମ ପ୍ରଚାର ସମିତି ପକ୍ଷରୁ ଅସହାୟଙ୍କୁ ଶୀତବସ୍ତ୍ର ତଥା କମ୍ବଳ ବଣ୍ଟନ କରାଯାଇଛି । ଉପସଭାପତି ସୀତାଂଶୁ ଶେଖର ନାଏକ, ସମ୍ପାଦକ ଦୁର୍ଗାଚରଣ ସାହୁ, ସହସମ୍ପାଦକ ଦେବାଶିଷ ମିଶ୍ର, ସରିତା ସାହୁ, ସାଧୁରାମ ସାହୁ, କବିତା ସାଧୁ, ଦୁର୍ଯ୍ୟୋଧନ ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

## ବଙ୍ଗୋମୁଣ୍ଡାରେ ବିଜେଡ଼ିର ସାମ୍ବାଦିକ ସମ୍ମିଳନୀ

# ବୃଦ୍ଧବୃଦ୍ଧାଙ୍କ ବଦଳରେ ବିଧାୟକଙ୍କ ଭତ୍ତା ବୃଦ୍ଧି ହାସ୍ୟସ୍ପଦ

**କଣ୍ଟାବାଞ୍ଜି, ୧୪ ।୧୨(ସମିସ):** ୨୦୨୪ ନିର୍ବାଚନରେ ଜନ ସାଧାରଣଙ୍କୁ ପ୍ରତିଶ୍ରୁତି ଦେବା ସହ ନିର୍ବାଚନୀ ଇସ୍ତାହାରରେ ପ୍ରକାଶ କରିଥିବା ସଂକଳ୍ପକୁ ରାଜ୍ୟର ଡବଲ ଇଞ୍ଜିନ



ସରକାର ଭୁଲି ଯାଇଛି । ବୃଦ୍ଧବୃଦ୍ଧାଙ୍କ ବଦଳରେ ବିଧାୟକଙ୍କ ଭତ୍ତା ବୃଦ୍ଧି ହାସ୍ୟସ୍ପଦ । ରବିବାର ବିଜୁ ଜନତା ଦଳ ପକ୍ଷରୁ ବଙ୍ଗୋମୁଣ୍ଡାରେ ଏକ ସାମ୍ବାଦିକ ସମ୍ମିଳନୀରେ ଏହା କୁହାଯାଇଛି । ବରିଷ୍ଠ ବିଜେଡି ନେତା ଅଜିତ ଯୋଶୀ ବିଜେପି ସରକାରକୁ କଡ଼ା ସମାଲୋଚନା କରିଛନ୍ତି । ଲୋକଙ୍କ ମୁଖ୍ୟମନ୍ତ୍ରୀ କହୁଥିବା ମୋହନ ମାଝି ହଠାତ ବିଧାୟକମାନଙ୍କ ଦରମା ଏବଂ ପୂର୍ବତନ ବିଧାୟକମାନଙ୍କ ଭତ୍ତା ବୃଦ୍ଧି କରିଦେଲେ । ୨୦୨୪ ନିର୍ବାଚନରେ ବିଜେପି ନେତାମାନେ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଆସିଲେ ଭିନ୍ନକ୍ଷମ, ବିଧବା, ବାର୍ଦ୍ଧକ୍ୟ ଭତ୍ତା ହିତାଧିକାରୀମାନଙ୍କୁ ୩ ହଜାର ଟଙ୍କା ବୃଦ୍ଧି କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ତାହା ଭୁଲି ଯାଇ ବିଧାୟକମାନଙ୍କୁ ଖୁସିବାକୁ ସେମାନଙ୍କ ଦରମା ତଥା ଭତ୍ତା ବୃଦ୍ଧି କରି ଗରିବ ଲୋକଙ୍କ କଥା ଭୁଲିଯାଇଛନ୍ତି । ସେହିଭଳି ପୂର୍ବ ସରକାର ଶୀତ ଋତୁରେ ଭତ୍ତା ପାଉଥିବା ହିତାଧିକାରୀ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ଶୀତ ବସ୍ତ୍ର ପ୍ରଦାନ କରୁଥିଲେ; ହେଲେ ଲୋକଙ୍କ ମୁଖ୍ୟମନ୍ତ୍ରୀ କହୁଥିବା ମୋହନ ମାଝି ତାହା ମଧ୍ୟ ପ୍ରଦାନ କଲେ ନାହିଁ । ତେଣୁ ରାଜ୍ୟର ଡବଲ ଇଞ୍ଜିନ ସରକାର ତୁରନ୍ତ ଭତ୍ତା ହିତାଧିକାରୀଙ୍କ ଟଙ୍କା ବୃଦ୍ଧି କରନ୍ତୁ ଏବଂ ଶୀତ ବସ୍ତ୍ର ପ୍ରଦାନ କରନ୍ତୁ । ନଚେତ ଆନ୍ଦୋଳନ କରାଯିବ ବୋଲି ବିଜେଡି ନେତା ଶ୍ରୀ ଯୋଶୀ କହିଛନ୍ତି ।

# ଓଷ୍ଟା ତରଫରୁ ବ୍ଲକ୍‌ସ୍ତରୀୟ ଶିଶୁମେଳା





**ମୁରିବାହାଲ, ୧୪ ।୧୨(ସମିସ)**

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଓଷ୍ଟା ସଂଘ ତରଫରୁ ୪୨ତମ ମୁରିବାହାଲ ବ୍ଲକସ୍ତରୀୟ ଶିଶୁ ମେଳା ଚଳକି ପଞ୍ଚାୟତ ହାଇସ୍କୁଲଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୮୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । ପ୍ରଧାନ ଶିକ୍ଷକ କଳାମଣି ଚିଦ୍ଦାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବଲାଙ୍ଗୀର ଜିଲ୍ଲା ସଭାପତି ଶ୍ରୀବତ୍ସ ବେହେରା, ଓଷ୍ଟା ସଂଘର ସଭାପତି ପ୍ରଦୀପ ପୁଟେଲ, ବିଦ୍ୟାଳୟ ସଭାପତି ଉଦ୍ଧବ ଚରଣ ନାଏକ, ଚଳକି ସରପଞ୍ଚ ମମତା ପ୍ରଧାନୀ, ମନୁ ଭୋଇ, ହୀରାଲାଲ ଜୈନ, ଯୁବରାଜ ବାଗ, ଡିକୁ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଛାତ୍ରୀଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ୨୧ ତାରିଖ ହେବାକୁ ଥିବା ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ପାଇଁ ଚୟନ କରାଯାଇଛି । ସେହିପରି ଉଦ୍‌ଘାଟନୀ ଉତ୍ସବରେ ଅତିରିକ୍ତ ମଙ୍ଗଳ ଅଧିକାରୀ ହିମାଂଶୁ ଶେଖର କୁମ୍ଭାର, ଓଷ୍ଟା ରାଜ୍ୟ ଉପସଭାପତି ସୁଧୀର ନାୟକ, ଶଙ୍କର ମିଶ୍ର ଉପସ୍ଥିତ ଥିଲେ । ବିଶିଷ୍ଟ ଆଇନଜୀବୀ ସୁଦାମ ଚରଣ ବଘାର, ଅଭିମନ୍ୟୁ ପଧାନ, ସୁରେଶ ବେହେରା, ବାସୁଦେବ ମେହେର, ବ୍ରଜେନ୍ଦ୍ର ଶତପଥୀ, ନବକିଶୋର ନିଆଲ, ଲମ୍ବୋଦର ହାତୀଖୁଜିଆ ପ୍ରମୁଖ ସହଯୋଗ କରିଥିଲେ ।

**ଖପ୍ରାଖୋଲ:** ତେଲେନପାଲି ନବରତ୍ନ ଉଚ୍ଚ ବିଦ୍ୟାଳୟ ପରିସରରେ ମଧ୍ୟ ବ୍ଲକସ୍ତରୀୟ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଥିଲା । ତେଲେନପାଲିର ସରପଞ୍ଚ ସକୁନ୍ତଳା ବେହେରା, ଓଷ୍ଟା ରାଜ୍ୟ ଉପ ସଭାପତି ସୁଧିର ନାଏକ, ତେଲେନପାଲି ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁଶାନ୍ତ ଦାଶ, ଓଷ୍ଟା ଜିଲ୍ଲା କାର୍ଯ୍ୟକାରିଣୀ ସଭାପତି ଅନିଲ ସାହ, ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ବିପ୍ର ବିଶି, ଧଣ୍ଡାମୁଣ୍ଡା ହାଇସ୍କୁଲର ବିଜ୍ଞାନ ଶିକ୍ଷକ ଅଜୟ ଭୋଇ, ମହାପଦର ହାଇସ୍କୁଲ ପ୍ରଧାନଶିକ୍ଷକ ନବକିଶୋର ନନ୍ଦ, ଘୁନସର ହାଇସ୍କୁଲର ପ୍ରଧାନ ଶିକ୍ଷକ ଐଶ୍ୱର୍ଯ୍ୟ ଦେବତା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଫୁଲକିମୁଣ୍ଡା ହାଇସ୍କୁଲର ପ୍ରଧାନ ଶିକ୍ଷକ ଗୋପାଳଚନ୍ଦ୍ର ବେହେରା ସଭାପତିତ୍ୱ କରିଥିଲେ । ଚୁଡାମଣୀ ପଟେଲ ମଞ୍ଚ ପରିଚାଳନା କରିଥିବାବେଳେ ପ୍ରମୋଦ ବାଗ ଧନ୍ୟବାଦ ଅର୍ପଣ କରିଥିଲେ ।

### ଖଡିଆଳ ସହରର ବିଭିନ୍ନ ଦୋକାନରୁ ଚୋରି

## ଦୁଇ ଗିରଫ, ଟଙ୍କା ଓ ଦୁଇ ମୋବାଇଲ ଜବତ

**ଖଡ଼ିଆଳ, ୧୪।୧୨ (ସମିସ):** ନୂଆପଡ଼ା ଜିଲ୍ଲା ଖଡିଆଳ ସହର ମଧ୍ୟରେ ଦୋକାନ ଚୋରି ଘଟଣାରେ ଖଡିଆଳ ପୁଲିସକୁ ସଫଳତା ମିଳିଛି। ଜଣେ ନାବାଳକ ସହ ଜଣେ ଅଭିଯୁକ୍ତ ଗିରଫ ହୋଇଛନ୍ତି। ଶୁଭମ ଜେନା ନାମକ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ଯୁବକ ଜଣକ ଖଡିଆଳ ଶାନ୍ତିନଗରର ବୋଲି ଜଣାପଡ଼ିଛି। ତାଙ୍କ ଠାରୁ ୩୦ ହଜାର ଟଙ୍କା, ଦୁଇଟି ମୋବାଇଲ ଜବତ ହୋଇଛି। ସୂଚନା ଯୋଗ୍ୟ ଯେ ଗତ ୧୦ ତାରିଖ ଦିନ ବିଳମ୍ବିତ ରାତିରେ ଖଡିଆଳ ୱାର୍ଡ ନମ୍ବର ୬ ରେ ରୋହିତ ପୂଜା ଭଣ୍ଡାରରେ ସଟର ଭାଙ୍ଗି ଚୋରି ହୋଇଥିଲା। ଦୋକାନରୁ ୪୦ ହଜାର ଟଙ୍କା ଚୋରି କରିଥିବା ବେଳେ ସିସିଟିଭି ଫୁଟେଜକୁ ଭିତ୍ତି କରି ପୁଲିସ ଅଟକ ରଖି ପଚରା ଉଚରା କରିଥିଲେ।



ଘଟଣାକୁ ଅଭିଯୁକ୍ତ ସ୍ୱୀକାର କରିବା ପରେ ପୁଲିସ ଗିରଫ କରି ଆଜି ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ କୋର୍ଟକୁ ଚାଲାଣ କରିଥିବା ଖଡିଆଳ ଥାନା ଅଧିକାରୀ ଦିଲୀପ କୁମାର ସାହୁ ପ୍ରକାଶ କରିଛନ୍ତି।

# କାର୍ଡ ପିଛା ଅଧିକ ଚାଉଳ ଘୋଷଣା କାଗଜପତ୍ରରେ ସୀମିତ

**କଳମପୁର, ୧୪।୧୨(ସମିସ)**

ନୂଆପଡ଼ା ଉପନିର୍ବାଚନ ପୂର୍ବରୁ ସରକାର ପ୍ରତି ରାସନକାର୍ଡ ପିଛା ଅଧିକ ୫କେଜି ଚାଉଳ ଦେବାପାଇଁ ଘୋଷଣା କରିଥିଲେ। ଏନେଇ ରାଜ୍ୟ ସରକାରଙ୍କ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ପ୍ରଥମ ପର୍ଯ୍ୟାୟରେ ୧୧ଟି ଜିଲ୍ଲା ଓ ପରବର୍ତ୍ତୀ ସମୟରେ ୧୯ଟି ଜିଲ୍ଲାରେ କାର୍ଯ୍ୟକାରୀ ହେବ ବୋଲି ମତ ରଖିଥିଲେ।ପ୍ରଥମ ପର୍ଯ୍ୟାୟରେ ସେପ୍ଟେମ୍ବର ଅକ୍ଟୋବର ଓ ନଭେମ୍ବର ୩ ମାସରେ ପ୍ରତି କାର୍ଡ ପିଛା ୧୫ କେଜି ଲେଖାଏଁ ଚାଉଳ ଯୋଗାଇ ଦେବାକୁ ନିର୍ଦ୍ଦେଶ ଥିଲା। ପରବର୍ତ୍ତୀ ସମୟରେ ସମସ୍ତ ଜିଲ୍ଲା ପାଇଁ ଏହା କାର୍ଯ୍ୟକାରୀ ହୋଇଥିବା ଘୋଷଣା କରାଗଲା। କିନ୍ତୁ ସେହି ୫କେଜି ଲେଖାଏଁ ଚାଉଳ ଆଜି ପର୍ଯ୍ୟନ୍ତ କଳାହାଣ୍ଡି ଜିଲ୍ଲା କଳମପୁର ଅଞ୍ଚଳର ରାସନକାର୍ଡ ଧାରୀମାନଙ୍କ ନିକଟକୁ ପହଞ୍ଚି ପାରିନାହିଁ। କଳମପୁର ଅଞ୍ଚଳରେ ପ୍ରାୟ ୧୪ ହଜାର କାର୍ଡ ରହିଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି। ଏଠାରେ ସମୁଦାୟ ୧୧ଟି ପଞ୍ଚାୟତ ରହିଛି, ଏହି ପଞ୍ଚାୟତମାନଙ୍କରେ ନିୟୋଜିତ ଯୋଗାଣ ସହାୟକମାନେ ଚାଉଳ ବଣ୍ଟନ କରୁଛନ୍ତି। ଏନେଇ ବ୍ଲକ ଯୋଗାଣ ବିଭାଗ କେତେକ ପଞ୍ଚାୟତରେ ୫କେଜି ଲେଖାଏଁ ଚାଉଳ ଦିଆଯାଉଛି ବୋଲି କହିଥିବା ବେଳେ କେଉଁ ପଞ୍ଚାୟତରେ ଦିଆଯାଉଛି ଉତ୍ତର ରଖି ପାରି ନାହାଁନ୍ତି। ଅନୁରୂପ ଭାବେ କେତେକ ପଞ୍ଚାୟତ ଯୋଗାଣ ସହାୟକ ମଧ ଦିଆଯାଉଛି ବୋଲି କହିଛନ୍ତି। ଯଦି ଦିଆଯାଉଛି ତେବେ ହିତାଧିକାରୀ ମହଲରେ ଦିଆଯାଇ ନ ଥିବା କାହିଁକି ଅଭିଯୋଗ ହେଉଛି ସେ ଉପରେ ସେମାନେ ମଧ ଉତ୍ତର ରଖି ପାରି ନାହାଁନ୍ତି। ଏଥିରୁ ସ୍ପଷ୍ଟ ଯେ ଏହାରି ଭିତରେ କିଛି ନା କିଛି ରହସ୍ୟ ଲୁଚି ରହିଛି। ମୁଖ୍ୟ ପ୍ରସଙ୍ଗକୁ ଆଡେଇ ବାକୁ ଯାଇ ଯୋଗାଣ ସହାୟକମାନେ ସର୍ଵର ଡାଉନକୁ ଦୋଷାରୋପ କରି ଖସିବାକୁ ଚେଷ୍ଟା କରିଛନ୍ତି, ସେହିଭଳି ବ୍ଲକ ଯୋଗାଣ ନିରିକ୍ଷୀକା ଲିସା ସାହୁ ମଧ ମୋ ଅଫିସ ପ୍ରକୋଷ୍ଠ ବିପଦ ସଂକୁଳ ଅବସ୍ଥାରେ ରହିଛି, ସ୍ଲାବରୁ ଅତଡା ଖସୁଛି, ଭଙ୍ଗା ଦଦରା ଚୌକିରେ ବସି କାମ କରିବାକୁ ପଡୁଛି। ଶୌଚାଳୟ କଥା ନ କହିବା ଭଲ, ବିଜୁଳି ଠିକ ସେ ରହୁନଥିବା ବେଳେ ପଙ୍ଖା ବ୍ୟବସ୍ଥା ହୋଇ ପାରୁନାହିଁ ବୋଲି ଚାଉଳ ପ୍ରସଙ୍ଗକୁ ଆଡେଇ ଦେଇଛନ୍ତି। ଜନସାଧାରଣଙ୍କ ଅବଗତି ନିମନ୍ତେ ପଞ୍ଚାୟତମାନଙ୍କରେ ସୂଚନା ଫଳକର ପ୍ରାବଧାନ ରହିଛି। ହେଲେ ତାହା ଏଠାରେ ପାଳନ କରାଯାଉ ନାହିଁ, ଫଳରେ ଲୋକେ କେଉଁ ମାସର ଚାଉଳ ମିଳୁଛି ତାହା ଜାଣି ପାରୁ ନାହାନ୍ତି। ଏପଟେ ଖାଉଟି କାର୍ଡରେ ବି ଅଗ୍ରିମ ଲେଖିବା ନିତି ଦିନିଆ ଘଟଣା ପାଲଟିଛି। ଅଗ୍ରିମ ମାସ ଲେଖି ଯୋଗାଣ ସହାୟକମାନେ ଚାଲାକି ବୁଦ୍ଧି ଖଟାଇଥିଲେ ବି ନିରକ୍ଷର ଓ ଦିବ୍ୟାଙ୍ଗ କାର୍ଡଧାରୀମାନେ ପ୍ରତିବାଦ କରୁ ନାହାନ୍ତି। ଯଦି କାଗଜପତ୍ରରେ ଚାଉଳ ଯୋଗାଣ ହୋଇଥାଏ ଓ ବିଭାଗ ଦିଆଯାଇ ଥିବା ଦର୍ଶାଇବା ପରେ ଏହି ଘଟଣା ଲୋକଲୋଚନକୁ ନ ଆସେ ତାହେଲେ ଏଥିରେ ଲୁଚି ରହିଥିବା ବଡ ଘୋଟାଲାକୁ ଏଡ଼ାଇ ଦିଆଯାଇ ନ ପାରେ। ପ୍ରତି କାର୍ଡ ପିଛା ତିନି ମାସର ୧୫ କେଜି ଲେଖାଏଁ ଚାଉଳ ବାଟମାରଣ ହୋଇଥିବ ତେବେ ୧୪ ହଜାର କାର୍ଡରେ କେତେ ହେବ ତାହା ଏଥିରୁ ହିଁ ଅନୁମେୟ। ଏହାର ଉଚ୍ଚସ୍ତରୀୟ ତଦନ୍ତ ହେଲେ ସତ୍ୟତା ଲୋକଲୋଚନକୁ ଆସି ପାରନ୍ତା ବୋଲି ହିତାଧିକାରୀଙ୍କ ମହଲରେ ଦାବି ହେଉଛି।

**ଉଚ୍ଚସ୍ତରୀୟ ତଦନ୍ତ ଦାବି କଲେ ହିତାଧିକାରୀ**

## ପତୋରାରେ ପ୍ଲାଷ୍ଟିକ ମୁକ୍ତ ଅଭିଯାନ



**ନୂଆପଡ଼ା, ୧୪।୧୨ (ସମିସ):** ନୂଆପଡ଼ା ଜିଲ୍ଲାର ଅନ୍ୟତମ ପ୍ରମୁଖ ତଥା ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ପତୋରା ଡ୍ୟାମ ପରିସରରେ ରବିବାର ଦିନ ସ୍ଥାନୀୟ ଯୁବ ସଂଗଠନ ଯୁବା କି ଦହାଡ ପକ୍ଷରୁ ପ୍ଲାଷ୍ଟିକ ମୁକ୍ତ ଅଭିଯାନ' ଏବଂ ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡିସେମ୍ବର ଏବଂ ଜାନୁଆରୀ ମାସରେ ପତୋରାର ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ପାଇଁ କେବଳ ନୂଆପଡ଼ା ନୁହେଁ ବରଂ ଅନ୍ୟ ଜିଲ୍ଲା ତଥା ରାଜ୍ୟ ବାହାରୁ ହଜାର ହଜାର ପର୍ଯ୍ୟଟକ ଭିଡ଼ ଜମାଇଥାନ୍ତି। ତେବେ ପିକନିକରେ ଆସି ଭୋଜି କରୁଥିବାବେଳେ ଅନେକ ସମୟରେ ପ୍ଲାଷ୍ଟିକ ଏବଂ ଅଳିଆ ଆବର୍ଜନା ପକାଇ ଚାଲିଯାଉଥିବାରୁ ପରିବେଶ ଦୂଷିତ ହେଉଛି। ଏହାକୁ ଦୃଷ୍ଟିରେ ରଖି 'ଯୁବା କି ଦହାଡ୍' ସଂଗଠନ ପକ୍ଷରୁ ସଚେତନତା ଧର୍ମୀ ସଫେଇ ଅଭିଯାନ ଚଳାଇଥିଲେ। କାର୍ଯ୍ୟକ୍ରମରେ ସଂଗଠନର ସଭାପତି କୌଶଳ ଚନ୍ଦ୍ରାକର, ସମ୍ପାଦିକା ତଥା ପ୍ରତିଷ୍ଠାତା ଦୀପାଞ୍ଜଳି ସାହୁ, ଉପ-ସଭାପତି ମନୋରଞ୍ଜନ ସୁନାରି, ପବିତ୍ର ମହାନନ୍ଦ, ରଞ୍ଜନ, ଭିଗେନ୍ଦ୍ର ତାଣ୍ଡି ସଦସ୍ୟ ପ୍ରମୁଖ ସାମିଲ ହୋଇଥିଲେ। ସଦସ୍ୟମାନେ ପର୍ଯ୍ୟଟନ ସ୍ଥଳୀରେ ପଡ଼ିଥିବା ବିପୁଳ ପରିମାଣର ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ସଂଗ୍ରହ କରିବା ସହ ପର୍ଯ୍ୟଟକମାନଙ୍କୁ ସ୍ୱଚ୍ଛତା ବଜାୟ ରଖିବାକୁ ସଚେତନ କରାଇଥିଲେ।ଯୁବକମାନଙ୍କର ଏହି ମହତ କାର୍ଯ୍ୟ ଦେଖି ସେଠାକୁ ବୁଲିବାକୁ ଆସିଥିବା ଏକ ବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ଶିକ୍ଷକମାନେ ମଧ ନିଜକୁ ଅଟକାଇ ପାରିନଥିଲେ ଏବଂ ସ୍ୱତଃପ୍ରବୃତ୍ତ ଭାବେ ସଫେଇ କାର୍ଯ୍ୟରେ ସାମିଲ ହୋଇଥିଲେ। ସଂଗଠନ ପକ୍ଷରୁ ସେହି ଶିକ୍ଷକମାନଙ୍କୁ ସମ୍ମାନ ଜଣାଇ ଚାରା ଗଛ ଉପହାର ସ୍ୱରୂପ ପ୍ରଦାନ କରାଯାଇଥିଲା।

## ୭୪ ଜଣ ବରିଷ୍ଠ ନାଗରିକଙ୍କ ରାମେଶ୍ୱରମ ଓ ମଦୁରାଇ ତୀର୍ଥଯାତ୍ରା

**ନୂଆପଡ଼ା, ୧୪।୧୨ (ସମିସ):** ନୂଆପଡ଼ା ଜିଲ୍ଲାରୁ ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଆଜି ୭୪ ଜଣ ସାମିଲ୍ ହୋଇ ଭାରତର ଚାରିଧାମ ମଧ୍ୟରୁ ଅନ୍ୟତମ ରାମେଶ୍ୱର ଯାତ୍ରା କରିଛନ୍ତି।



ଯେଉଁ ବରିଷ୍ଠ ନାଗରିକଙ୍କୁ ଏହି ଯୋଜନାରେ ଚୟନ କରାଯାଇଥିଲା ସେମାନେ ଆଜି ଆସି ନୂଆପଡ଼ା ପର୍ଯ୍ୟଟନ କାଯ୍ୟାଳୟ ରେ ପହଞ୍ଚିଥିଲେ। ସେଠାରେ ଡାକ୍ତରମାନଙ୍କ ଦ୍ୱାରା ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଆବଶ୍ୟକ ଔଷଧ ପ୍ରଦାନ କରାଇଥିଲା। ତୀର୍ଥଯାତ୍ରୀମାନଙ୍କୁ ଜିଲ୍ଲାପାଳ ମଧୁସୂଦନ ଦାଶ ଓ ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ ସିଂ ଗୋଲାପ ଫୁଲ ପ୍ରଦାନ କରି ଏକ ଆନନ୍ଦ ଦାୟକ ଯାତ୍ରା ପାଇଁ ଶୁଭେଚ୍ଛା ଜଣାଇଥିଲେ। ଏହି ଗସ୍ତ ପଛରେ ଜିଲ୍ଲା ପ୍ରଶାସନର ସମ୍ପୂର୍ଣ୍ଣ ସହଯୋଗ ଓ ଶୁଭେଚ୍ଛା ରହିଛି। ଏହି ଦଳରେ ୧୭ଦମ୍ପତି ଓ ୪୦ ଜଣ ଏକକ ଯାତ୍ରୀ ଅଛନ୍ତି। ଦୁଇଜଣ ସହାୟକ ଅଧିକାରୀଙ୍କ ସହିତ ଦୁଇଟି ସତନ୍ତ୍ର ବସ୍ ଯୋଗେ ସମସ୍ତେ ରାୟଗଡ଼ା ଯାତ୍ରା କରିଛନ୍ତି। ଆସନ୍ତାକାଲି(ସୋମବାର) ଅନ୍ୟ ଛଅଟି ଜିଲାର ତୀର୍ଥ ଯାତ୍ରୀମାନଙ୍କ ସହ ମିଶି ଏକ ସତନ୍ତ୍ର ରେଳ ଯୋଗେ ସମସ୍ତେ ରାମେଶ୍ୱର ଅଭିମୁଖେ ଯାତ୍ରା କରିବେ। ମଦୁରାଇ ମଧ ପରିଭ୍ରମଣ କରି ଆସନ୍ତା ୨୦ ତାରିଖରେ ପ୍ରତ୍ୟାବର୍ତ୍ତନ କରିବେ। ନୂଆପଡ଼ା ପର୍ଯ୍ୟଟନ କାର୍ଯ୍ୟାଳୟରେ ନୂଆପଡ଼ା ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରଉତ, ଜିଲ୍ଲା କ୍ରିଡା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡ଼ାଇ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଘନଶ୍ୟାମ ମୁଣ୍ଡ ପ୍ରମୁଖ ଉପସ୍ଥିତ ରହି ବସ୍‌କୁ ସବୁଜ ପତାକା ଦେଖାଇ ତୀର୍ଥଯାତ୍ରାର ଶୁଭାରମ୍ଭ କରିଥିଲେ।

## ରିଷିଡା କପ୍ ଭଲିବଲ ଟୁର୍ଣ୍ଣାମେଣ୍ଟ:ରିଷିଡା ଚାମ୍ପିଅନ

**କର୍ଲାମୁଣ୍ଡା, ୧୪।୧୨(ସମିସ):** କର୍ଲାମୁଣ୍ଡା ବ୍ଲକ ରିଷିଡା ସ୍ଥିତ ବାପୁଜୀ ମିନି ଷ୍ଟାଡିୟମରେ ରିଷିଡା କପ ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରିଷିଡା, ମାଣିକେରା, କର୍ଲାମୁଣ୍ଡା, ସାଲେପାଲି, ବିନେକେଲା, ମହିପୁର, ତୁଷୁରା, ରିଞ୍ଜା, ଭାଟେଲ ଆଦି ୯ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ରିଷିଡା ଓ ଭାଟେଲ ମଧରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରିଷିଡା ଦଳ ଚମ୍ପିଅନ ହୋଇଥିଲେ। ପ୍ରଥମେ ଉଦଘାଟନୀ ଉତ୍ସବରେ ପୂର୍ବତନ ଭଲିବଲ ଖେଳାଳି ପବିତ୍ର ଲେଙ୍କା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ରିଷିଡା ସରପଞ୍ଚ ସେବତୀ ରଣା ମୁଖ୍ୟଅତିଥି, ସମିତି ସଭ୍ୟ ନିମାଁଇଚରଣ ବେହେରା ବିଶିଷ୍ଟ ଅତିଥି, ବରିଷ୍ଠ ସାମ୍ବାଦିକ ସତ୍ୟନାରାୟଣ କୁମାର, ଭଜଶ୍ୟାମ ସାହୁ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିବା ବେଳେ ସାମ୍ବାଦିକ ନରୋତ୍ତମ ସେଲମା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ରିଷିଡା ଦଳର ଗୋଲଡି ପଧାନ ମ୍ୟାନଅଫ ଦି ସିରିଜ ପୁରସ୍କାର ପାଇଥିଲେ। ଟୁର୍ଣ୍ଣାମେଣ୍ଟକୁ ଲଳିତ କୁମାର ସାହୁ, ଲଳିତ କୁମାର ଗୌଡ, ପିଙ୍କୁ ଚନ୍ଦନ ପରିଚାଳନା କରିଥିବା ବେଳେ ସ୍କୋରବୋର୍ଡରେ ରଶ୍ମିରଞ୍ଜନ ଲେଙ୍କା, ଲିପୁ ସେଠ ଥିବାବେଳେ କୁନା ନାଏକ, ବନ୍ଦିଶ କୁମାର ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ। ଆୟୋଜକ କମିଟିର ଲିଲୁ, ପପୁନ, ଡିଟୁ, ବବଲୁ, ଦେବାଶିଷ, ତନ୍ମୟ, ଅଜିତ, ଓମ, ଆଲୋକ, କିରଣ, ସୁଶାନ୍ତ ପ୍ରମୁଖ ସହଯୋଗ କରିଥିଲେ।



## ଜାତୀୟ ଶକ୍ତି ସଂରକ୍ଷଣ ଦିବସ

**କୋକସରା, ୧୪।୧୨(ସମିସ):** କୋକସରା ବ୍ଲକ ମାଝୀଗୁଡା ମହାତ୍ମାଗାନ୍ଧୀ ଉଚ୍ଚ ବିଦ୍ୟାଳୟରେ ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳିତ ହୋଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦୀପ୍ତ କିଶୋର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଚେତନତା ସଭାରେ ବିଦ୍ୟାଳୟର ସମସ୍ତ କର୍ମଚାରୀ, ଛାତ୍ରଛାତ୍ରୀ ଓ ଅଭିଭାବକ ଯୋଗ ଦେଇଥିଲେ। ଶକ୍ତିର ଅପଚୟ ଓ ସଂରକ୍ଷଣ ପାଇଁ ବିଭିନ୍ନ ଉପାୟ ସମ୍ବନ୍ଧରେ ସଚେତନତା କରାଯାଇଥିଲା। ଏହିକ୍ରମରେ ସଚେତନତା ରାଲିରେ ବାହାରି ଗ୍ରାମ ପରିକ୍ରମା କରାଯାଇଥିଲା।ଶକ୍ତି କ୍ଲବର ଶିକ୍ଷକ ମୃତ୍ୟୁଞ୍ଜୟ ପଣ୍ଡା, ଗଜେନ୍ଦ୍ର ଧରୁଆ ତଥା ବିଦ୍ୟାଳୟ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ଆମ୍ବେଦକରଙ୍କ ନାମରେ ଛକ ଉଦ୍‌ଘାଟିତ

**କୋକସରା, ୧୪।୧୨ (ସମିସ):** କୋକସରା ବ୍ଲକର ଲଡୁଗାଁ, ସୁନାମାଲ ରାସ୍ତାର ଏକ ଛକକୁ ବାବା ସାହେବ ଆମ୍ବେଦକରଙ୍କ ନାମରେ ନାମିତ କରାଯାଇଛି। ଆୟୋଜକ କମିଟିର ସଭାପତି ଭୁବନେଶ୍ୱର ପାଣିଗ୍ରାହୀଙ୍କ ଆବାହନକ୍ରମେ ମୁଖ୍ୟଅତିଥି ଭାବେ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ଓ ଲଡୁଗାଁ ସରପଞ୍ଚ ନକୁଳ ନାଏକଙ୍କ କର କମଳରେ ଆମ୍ବେଦକରଙ୍କ ଫୋଟୋଚିତ୍ରରେ ମାଲ୍ୟାର୍ପଣ ପରେ ଉଦ୍‌ଘାଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଲଡୁଗାଁ ସମେତ ସୁନାମାଲ ଗ୍ରାମର ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଦେବାନନ୍ଦ ନାଏକ, ଗରୁଡ଼ ବାଗ, ଦେବି ପ୍ରସାଦ ସାହୁ, ସଞ୍ଜୟ ସିଂଗଲ ଉପସ୍ଥିତ ରହି ବାବା ସାହେବଙ୍କ ସ୍ମୃତି ଚରଣ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।କାର୍ଯ୍ୟକ୍ରମରେ ବିରଞ୍ଚି ନାରାୟଣ ବାଗ, ଚିନିଲାଲ ପାଣିଗ୍ରାହୀ, ମାଙ୍ଗଲାଲ ନିଆଳ, ଯୁଗେଶ୍ୱର ପାଣିଗ୍ରାହୀ, ନାରିନେତ୍ରୀ ରେଖା ମହାନନ୍ଦ, ଉର୍ବଶୀ ନିଆଳ, କୁମୁଦିନି ପାଣିଗ୍ରାହୀ, ବେଦନ୍ତୀ ନାଗ ସମେତ ଆମ୍ବେଦକର ପ୍ରେମୀ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ବୁଢ଼ାରଜା କପ୍ କ୍ରିକେଟ ପ୍ରତିଯୋଗିତା

## ରାମପୁରକୁ ହରାଇ କେସିଙ୍ଗା ଚାମ୍ପିଅନ

**କେସିଙ୍ଗା, ୧୪।୧୨(ସମିସ):** ଗତ ୯ ତାରିଖରୁ କଳାହାଣ୍ଡି ଜିଲ୍ଲା କେସିଙ୍ଗାର ମର୍ଣ୍ଣି କ୍ଲବ୍ ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ଦ୍ୱିତୀୟ ବୁଢ଼ାରଜା ନକ ଆଉଟ ଟେନିସ ବଲ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ସାରା ଓଡ଼ିଶା ସମେତ ପଡୋଶୀ ଛତିଶଗଡ଼ ରାଜ୍ୟର ବଛା ବଛା ୧୬ ଟି ଟିମ କୁ ନେଇ ସ୍ଥାନୀୟ ତହସିଲ ଅଫିସ ପାଖରେ ଥିବା ମିନି ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିବା ଉକ୍ତ ପ୍ରତିଯୋଗିତା ଦେଖିବା ପାଇଁ ପ୍ରତିଦିନ ଅନେକ ଦର୍ଶକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଫାଇନାଲ ଖେଳରେ କେସିଙ୍ଗା ଦଳ ଉଚ୍ଚକୋଟିର ଖେଳ ପ୍ରଦର୍ଶନ କରି ରାମପୁରଦଳକୁ ରନରେ ହରାଇ ଦ୍ୱିତୀୟ ବୁଢ଼ାରଜା କପ ଚାମ୍ପିଅନ ହୋଇ ପୁରସ୍କାର ସ୍ୱରୂପ ନଗଦ ୭୦ ହଜାର ସହିତ ବଡ଼ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିପରି ଉପବିଜେତା ଦଳ ରାମପୁରକୁ ମଧ ନଗଦ ୪୦ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିପରି ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ଭାବରେ କେସିଙ୍ଗା ଦଳର ସତିଶ ସିଂଙ୍କୁ ପୁରସ୍କାର ବାବଦରେ ଟ୍ରଫି ସହିତ ନଗଦ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବର ମୁଖ୍ୟଅତିଥି ଭାବରେ ନର୍ଲା ବ୍ଲକ ଅଧ୍ୟକ୍ଷ ମୁନା ମହାନ୍ତି ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କେସିଙ୍ଗା ନଗରପାଳ ନୃପରାଜ ଯାଦବ ଓ ବିଜେଡି ନେତା ନଳୀନ ପଟ୍ଟନାୟକ ଉପସ୍ଥିତ ରହି ବିଜେତା ଓ ଉପ ବିଜେତା ଦଳକୁ ଟ୍ରଫି ଓ ନଗଦ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆୟୋଜକ କ୍ଲବ୍‌ର ସଭାପତି ବିଶ୍ୱରଞ୍ଜନ ମହଲା, ସମ୍ପାଦକ ମନୋଜ କଟା, କୋଷାଧ୍ୟକ୍ଷ ପିଣ୍ଟୁ ମହଲା, ଉପଦେଷ୍ଟା ସିଲୁ ପରିଡ଼ା, ଶମ୍ଭୁ ବରର୍ତ୍ତି, ବଳରାମ ସୁନା, ପ୍ରମୋଦ କଟା ଓ ମକରଧ୍ୱଜ ନାଏକଙ୍କ ସମେତ ଅନ୍ୟାନ୍ୟ କ୍ଲବ୍‌ର କର୍ମକର୍ତ୍ତା ଉପସ୍ଥିତ ଥିଲେ।




## ବରାଡୋଙ୍ଗା ପଞ୍ଚାୟତରେ ଧାନମଣ୍ଡି ଉଦ୍‌ଘାଟିତ

**କୋକସରା, ୧୪।୧୨ (ସମିସ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ବରାଡଙ୍ଗା ପଞ୍ଚାୟତର ଚାଷୀଙ୍କ ଦୀର୍ଘ ବର୍ଷ ର ଦାବି ପୂରଣ ହେଇଛି। ରବିବାର ବରାଡଙ୍ଗା ଗ୍ରାମରେ ନୂତନ ଧାନ ମଣ୍ଡିକୁ ଧର୍ମଗଡ଼ ବିଧାୟକ ସୁଧୀର ପାଟଯୋଷୀ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଆୟୋଜିତ ସଭାରେ ଆମପାଣି ସମବାୟ ସମିତି ସଭାନେତ୍ରୀ ତିଲୋତ୍ତମା ନାଏକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଧର୍ମଗଡ଼ ବିଧାୟକ ସୁଧୀର ପାଟଯୋଷୀ, ସମ୍ମାନିତ ଅତିଥି ଭାବେ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ସ୍ଥାନୀୟ ସରପଞ୍ଚ ନିରୁପମା ସେଠି, ସମିତି ସଭ୍ୟ ଗୁପ୍ତେଶ୍ୱର ବାଗ, ମନୋଜ କୁମାର ନାଏକ, ଆମପାଣି ମଣ୍ଡଳ ସଭାପତି ମଧୁବନ ପାତ୍ର, ସମ୍ପାଦକ ଦ୍ରୋଣାଚାର୍ଯ୍ୟ ପୁଝାରି, ଜିଲ୍ଲା ପ୍ରତିନିଧି ଅର୍ଜୁନ ଭାଟି, ସନ୍ତୋଷ ମାଝୀ, ଯୁବ ମୋର୍ଚ୍ଚା ସଭାପତି ଆମପାଣି ଯୋନ ତ୍ରିଲୋକ୍ୟ ବେଶ୍ରା, ଚକ୍ରଧର ବେଶ୍ରା, ଆମପାଣି ପେକ୍ସ ସମ୍ପାଦକ ବିକାଶ ରଞ୍ଜନ ପଣ୍ଡା, ଆରଏମ୍‌ସି କର୍ମଚାରୀ ରଞ୍ଜିତ କୁମାର ବାହାଦୂର ସମେତ ପଞ୍ଚାୟତ ଅଧିନସ୍ଥ ଚାଷୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

### କେସିଙ୍ଗା ଏନ୍‌ଏସିରେ ବଡାଖାନ କାର୍ଯ୍ୟକ୍ରମ

## ସ୍ୱଚ୍ଛ ଓ ପରିମଳ କର୍ମଚାରୀଙ୍କ ପାଇଁ ଦିନଟିଏ

**କେସିଙ୍ଗା, ୧୪।୧୨(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ସ୍ଥାନୀୟ ଏନ୍‌ଏସି କଲ୍ୟାଣମଣ୍ଡପ ପରିସରରେ ନଗରପାଳ ନୃପରାଜ ଯାଦବଙ୍କ ଅଧ୍ୟକ୍ଷତାରେ ବଡାଖାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟ ଯୋଗଦେଇ ସ୍ୱଚ୍ଛ କର୍ମୀ ଓ ସ୍ୱଚ୍ଛସାଥୀଙ୍କୁ ଉତ୍ସାହିତ କରିବା ସହିତ ସହରର ପରିମଳ କାର୍ଯ୍ୟରେ ନିୟୋଜିତ ହୋଇଥିବା ପରିମଳକର୍ମୀଙ୍କ ସହିତ ସମୟ ଅତିବାହିତ କରିଥିଲେ। ଅଧ୍ୟକ୍ଷ କେସିଙ୍ଗା ଏନ୍‌ଏସିରେ କାର୍ଯ୍ୟରତ ସମସ୍ତ ପୁରୁଷ ଓ ମହିଳା ସ୍ୱଚ୍ଛକର୍ମୀମାନଙ୍କୁ ଉତ୍ତରୀୟ ପ୍ରଦାନ କରିଥିଲେ। ଶେଷରେ ସମସ୍ତ ଅଧିକାରୀ ଉପସ୍ଥିତ ସ୍ୱଚ୍ଛକର୍ମୀ ଓ ପରିମଳ କର୍ମୀମାନଙ୍କୁ ନିଜ ହାତରେ ଖାଇବା ପରସି ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେସିଙ୍ଗା ଏନ୍‌ଏସିର




ସମସ୍ତ ପରିଷଦବୃନ୍ଦ, ନିର୍ବାହୀଯନ୍ତ୍ରୀ ନାରାୟଣ ମହାରଣା, ଶ୍ରୀନିବାସ ପଟ୍ଟନାୟକ, ସେନିଟେଶନ ଏକ୍ସପର୍ଟ ପ୍ରଶାନ୍ତ ବାରିକ, ଆକୁଳ ନାଏକ, ଗଦାଧର ସିଂଦେଓଙ୍କ ସମେତ ସମସ୍ତ ଏନ୍‌ଏସି କର୍ମଚାରୀମାନେ ଉପସ୍ଥିତ ଥିଲେ।

## ମା' ଠାକୁରାଣୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ; ବେହେରା ଚାମ୍ପିଅନ



**କୋକସରା, ୧୪।୧୨(ସମିସ):** କୋକସରା ବ୍ଲକ ଡୁଡୁକାଠେଙ୍ଗାଠାରେ ଚାଲିଥିବା ମା'ଠାକୁରାଣୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ୍ ବେହେରା ଓ ମୈଦଲପୁର ମଧ୍ୟରେ ହୋଇଥିଲା। ପ୍ରଥମେ ବେହେରା ବ୍ୟାଟିଂ କରି ୧୦୮ ରନ କରିଥିବା ବେଳେ ଜବାବରେ ମୈଦଲପୁର ୬୨ରନ କରି ପରାଜିତ ହୋଇଛି।ବେହେରା ଦଳ ବିଜୟୀ ହୋଇ ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ ହୋଇଛି। ଫାଇନାଲ ଖେଳରେ ମୁଖ୍ୟଅତିଥି ଭାବେ ଧର୍ମଗଡ଼ ବିଧାୟକ ସୁଧୀର ପାଟଯୋଶୀ ଯୋଗଦେଇ ଥିଲେ। ଆମପାଣି ମଣ୍ଡଳ ସଭାପତି ମଧୁବନ ପାତ୍ର, ଡୁଡୁକାଠେଙ୍ଗା ସରପଞ୍ଚ ହରିପ୍ରିୟା ନାଗ, ନାଏବ ସରପଞ୍ଚ ଖଗେଶ୍ୱର ବାଣୁଆ, ସମିତି ସଭ୍ୟା ପାର୍ବତୀ ବାଗ, ପୂର୍ବତନ ସରପଞ୍ଚ ବନମାଳୀ ବାଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ପୁରସ୍କାର ପ୍ରଦାନ କରିଥିଲେ। ଖଗେଶ୍ୱର ବାଣୁଆ ଓ ବୈକୁଣ୍ଠ ଜାଲ ମଞ୍ଚ ପରିଚାଳନା କରିଥିଲେ। ଅମ୍ପିୟାର ଭାବେ ଧର୍ମେନ୍ଦ୍ର ଛତ୍ରିଆ ଓ ସତ୍ୟ ଧଙ୍ଗଡ଼ାମାଝୀ ଖେଳ ପରିଚାଳନା କରିଥିଲେ। ପ୍ରବୀଣ ବେଶ୍ରା ସ୍କୋର ବୋର୍ଡ ଦାୟିତ୍ୱରେ ରହିଥିବା ବେଳେ ଚମାର ବାଣୁଆ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ମା'ଠାକୁରାଣୀ କ୍ରିକେଟ କ୍ଲବ୍‌ର ସଭାପତି ଜୟନ୍ତ ଯାଦବ, ଉପସଭାପତି ଦୁର୍ଯ୍ୟୋଧନ ନାଏକ, ସମ୍ପାଦକ ଦୀନବନ୍ଧୁ ଦାସ ସମେତ କ୍ରିକେଟ କ୍ଲବ୍‌ର ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।

# ଅଣ୍ଡର ବ୍ରିଜରୁ ବର୍ଷ ସାରା ପାଣି ଗଳୁଛି

**କେସିଙ୍ଗା, ୧୪।୧୨(ସମିସ)**

ଆଜକୁ ତିନି ବର୍ଷ ହେଲାଣି କେସିଙ୍ଗା ଅଣ୍ଡର ବ୍ରିଜକୁ ନେଇ ଅନେକ ସମୟରେ ଅନେକ ସମସ୍ୟା ଉପୁଜିଛି।କେତେବେଳେ ରାସ୍ତା ଖରାପ ହେଉଛି ତ କେତେବେଳେ ଅଣ୍ଡର ବ୍ରିଜର ଲାଇଟ ସମସ୍ୟା ରହୁଛି ପୁଣି କେତେବେଳେ ଅଣ୍ଡର ବ୍ରିଜ ଭିତରେ ମୋଟା ଅସ୍ତରର ମାଟି ଜମା ହୋଇ ପଡ଼ିରହିଛି ବର୍ତ୍ତମାନ ଅଣ୍ଡର ବ୍ରିଜ ପାଖରେ ଆଜକୁ ବର୍ଷ ବିତି ଗଲାଣି ପାଣି ଲେକେଜ୍ ହେଉଛି ପ୍ରତିଦିନ ହଜାର ହଜାର ଲିଟର ପାଣି ବରବାଦ ହେଉଛି କିନ୍ତୁ କୌଣସି ଅଧିକାରୀ ଆଜି ପର୍ଯ୍ୟନ୍ତ କ୍ଷେତ୍ର ପରିଦର୍ଶନ ଯାଇନାହାନ୍ତି। ନା ରେଳ ବିଭାଗ ଅଧିକାରୀ ନା କେସିଙ୍ଗାରେ ପାଣିର ସମସ୍ୟାର ସମାଧାନ କରୁଥିବା ଜନସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ନା ତେଲ ନଦୀରୁ ବେଦାନ୍ତକୁ ପାଣି ନେଉଥିବା ବେଦାନ୍ତ କମ୍ପାନୀର ଅଧିକାରୀ।ପ୍ରକାଶ ଥାଉକି କେସିଙ୍ଗା ଚିରସ୍ରୋତା ତେଲ ନଦୀରୁ ଲାଞ୍ଜିଗଡ଼ରେ ଥିବା ବେଦାନ୍ତ କମ୍ପାନୀ ପାଣି ନେଇଥାଏ। ଆଖପାଖ ଦୋକାନୀଙ୍କ କହିବା ଅନୁସାରେ ଲିକେଜ୍ ହେଉଥିବା ପାଣି ବେଦାନ୍ତ ପାଇପରୁ ବାହାରୁଛି। ପ୍ରଥମେ ଅଳ୍ପଅଳ୍ପ ପାଣି ବାହାରୁଥିଲା ବର୍ତ୍ତମାନ ବେଶୀ ପାଣି ଲିକେଜ ଯଦି ଯଥାଶୀଘ୍ର ମରାମତି କରାନଯିବା ତାହାହେଲେ ରାସ୍ତା ଉପରେ ଅଧିକ ପାଣି ବହିବ। ଯଦି ବେଦାନ୍ତ ପାଇପରୁ ପାଣି ଲିକେଜ ହେଉଛି ତାହାହେଲେ ସମ୍ପୃକ୍ତ କମ୍ପାନୀ କାହିଁକି ମରାମତି କରୁନାହିଁ।ହଜାର ହଜାର ଲିଟର ପାଣି ପ୍ରତିଦିନ ଲିକେକ ହେଉଛି। ସେହି ଲିକେକ ପାଣି ଯାଇ ଅଣ୍ଡର ବ୍ରିଜ ତଳେ ଜମା ହୋଇ ରାସ୍ତା ଖରାପ କରିବା ସହିତ ଯାତାୟତରେ ଅନେକ ଅସୁବିଧା ହେଉଛି।ଯଥାଶୀଘ୍ର କ୍ଷେତ୍ର ପରିଦର୍ଶନ କରି ପାଇପ ମରାମତି କରି ଲିକେଜ ବନ୍ଦ କରିବା ପାଇଁ ସାଧାରଣରେ ଦାବି ହେଉଛି।



**ହଜାର ହଜାର ଲିଟର ପାଣି ବରବାଦ**

ସକାଳ THE SAKALA



### ସହିଦ ରେଣ୍ଡୋ ମାଝୀ ମେଡ଼ିକାଲ କଲେଜ କେବଳ ଆଶ୍ୱାସନା

# ଆବଶ୍ୟକ ଅନୁସାରେ ନାହାନ୍ତି ଡାକ୍ତର, କର୍ମଚାରୀ

ଭବାନୀପାଟଣା, ୧୪ ।୧୨(ସମିସ)



ରାଜ୍ୟରେ ସ୍ୱାସ୍ଥ୍ୟସେବାର ଉନ୍ନତି ଦିଗରେ ବିଜେଡି ସରକାର କାଳରେ ଯେତେସବୁ ପଦକ୍ଷେପ ଗ୍ରହଣ କରାଯାଇଥିଲା ତାହା ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଏକ ନୂତନ ଯୁଗର ଆରମ୍ଭ ବୋଲି କୁହାଯାଉଥିଲା। ଗ୍ରାମୀଣ ସ୍ୱାସ୍ଥ୍ୟ ବିକାଶ ପ୍ରତି ଧ୍ୟାନ ଦିଆଯାଇ କଳାହାଣ୍ଡି ଜିଲ୍ଲାରେ ସୁସ୍ଥ ମନ ଓ ସୁସ୍ଥ ଶରୀରକୁ ନିଶ୍ଚିତ କରିବାରେ ଚେଷ୍ଟା ଜାରୀ ରହିଥିଲା। ବର୍ତ୍ତମାନ ଡାକ୍ତର ଅଭାବ ସହିତ ମେଡ଼ିକାଲ ଷ୍ଟାଫ ତଥା ନର୍ସ ଏବଂ ଅନ୍ୟ ସ୍ୱାସ୍ଥ୍ୟ କର୍ମୀ ଆବଶ୍ୟକତା ଠାରୁ ଢେର କମ ସଂଖ୍ୟାରେ ରହି ଦାୟିତ୍ୱ ତୁଲାଉଛନ୍ତି। କଳାହାଣ୍ଡି ଜିଲ୍ଲାରେ ରେଣ୍ଡୋ ମାଝୀ ମେଡ଼ିକାଲ କଲେଜ କାର୍ଯ୍ୟ କରୁଛି ସତ କିନ୍ତୁ ସେବା ପ୍ରସଙ୍ଗରେ କେତେଦୂର ଯଥାର୍ଥତା ପ୍ରମାଣିତ କରୁଛି ତାହା ଅନୁଧ୍ୟାନ ସାପେକ୍ଷ। ଜିଲ୍ଲା ସଦର ଡାକ୍ତରଖାନାକୁ ମେଡ଼ିକାଲ କଲେଜ ଟିଚିଂ ହସ୍ପିଟାଲ ଭାବେ ଗ୍ରହଣ କରିଛି। ବର୍ତ୍ତମାନ ରେଣ୍ଡୋ ମାଝୀ ମେଡ଼ିକାଲରେ ନିଯୁକ୍ତ ଡାକ୍ତର ହିଁ ସାହା ଭରସା ପାଳଟିଥିବାରୁ କେବଳ ଭବାନୀପାଟଣା ମୁଖ୍ୟଡାକ୍ତର ଖାନାକୁ କୌଣସି ପ୍ରକାରେ କାମ ଚଳାଇ ନିଆଯାଉଛି। ସୂଚନାଯୋଗ୍ୟ ଯେ ଜିଲ୍ଲାରେ ମଞ୍ଜୁରୀପ୍ରାପ୍ତ ଡାକ୍ତର ପଦ ୬୦୬ଥିବା ବେଳେ ଅଛନ୍ତି ମାତ୍ର ୨୦୪ଜଣ। ଖାଲି ପଡ଼ିଥିବା ସ୍ଥାନ ୪୦୨। ନର୍ସିଂ ଅଫିସର ମଞ୍ଜୁରୀପ୍ରାପ୍ତ ପଦବୀ ୩୫୬ରୁ ଅଛନ୍ତି ୨୩୯ ଜଣ। ଲେବ୍ରୋଟାରୀ ଟେକ୍ନିସିଆନ ୫୫ରୁ ଅଛନ୍ତି ୨୯ଜଣ। ଜିଲ୍ଲାରେ ସ୍ୱାସ୍ଥ୍ୟ କର୍ମୀଙ୍କ ସଂଖ୍ୟା ମଧ୍ୟ ଖୁବ କମ ଥିବା ଜଣାପଡ଼ିଛି। ଡାକ୍ତର ଓ ସ୍ୱାସ୍ଥ୍ୟ ସେବାରେ ନିୟୋଜିତ ଷ୍ଟାଫଙ୍କ ହିସାବ ଦେଖିଲେ ୧୮୮୮ ଜଣଙ୍କ ମଧ୍ୟରୁ ଅଛନ୍ତି ୧୨୪୧ ଏବଂ ୬୧୭ ପଦବୀ ପୂରଣ ହୋଇପାରିନାହିଁ। ରେଣ୍ଡୋ ମାଝୀ ମେଡିକାଲ କଲେଜର ଡାକ୍ତର ଓ ଷ୍ଟୁଡେଣ୍ଟଙ୍କୁ ନେଇ ଜିଲ୍ଲାର ସ୍ୱାସ୍ଥ୍ୟ ବ୍ୟବସ୍ଥାର କରୁଣ ଚିତ୍ର ଦେଖିବାକୁ ମିଳିଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଇନଡୋର ଚିକିତ୍ସା ପାଇଁ ୧୫୦ଟି ଶଯ୍ୟାର ବ୍ୟବସ୍ଥା ଥିଲେ ମଧ୍ୟ ୩୦୦ରୁ ଊର୍ଦ୍ଧ୍ୱ ରୋଗୀ ତଳେ ଶୋଇ ସେବା ପାଇଥାନ୍ତି। ସେହି ଭଳି ଆଉଟ୍‌ଡୋରରେ

**ପ୍ରଭାବଶାଳୀ ହେଉନି ସ୍ୱାସ୍ଥ୍ୟସେବା**

ଏକ ହଜାରରୁ ବାର ଶହ ରୋଗୀଙ୍କ ପଞ୍ଜୀକରଣ ହେଉଥିବା ସୂଚନା ମିଳିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ପ୍ରାୟତଃ ରୋଗୀଙ୍କୁ ବୁର୍ଲା କିମ୍ବା ଅନ୍ୟତ୍ର ରେଫର କରିଦିଆଯାଇଥାଏ। ରୋଗୀଙ୍କ କ୍ଷେତ୍ରରେ ଚିକିତ୍ସାରେ ସେମିତି ପ୍ରଭାବୀ ପ୍ରତିକାରଜନିତ ସେବା ମିଳୁନଥିବା ଅଭିଯୋଗ ହେଉଛି। ସେହିପରି ଶିଶୁଙ୍କ ସ୍ୱାସ୍ଥ୍ୟ ବିକାଶ କାର୍ଯ୍ୟକ୍ରମକୁ ଦେଖିଲେ ସ୍ଥିତି ସେଭଳି ଉଜ୍ଜ୍ୱଳ ମନେହେଉନାହିଁ। ଶିଶୁ ମୃତ୍ୟୁ ସଂଖ୍ୟା ହେଉ କି ପୃଷ୍ଟିହୀନତା ସମସ୍ୟା ଏବେ ଗୁରୁତର ବିଷୟ ରୂପେ ଗତି କରୁଛି। ବିଶେଷକରି ଶିଶୁ ମୃତ୍ୟୁହାରକୁ ଅନୁଧ୍ୟାନକଲେ ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳରେ ଶିଶୁ ମୃତ୍ୟ ସଂଖ୍ୟା ବୃଦ୍ଧି ପାଉଥିବା ସ୍ୱାସ୍ଥ୍ୟ ବିଭାଗ ରିପୋର୍ଟ ଦର୍ଶାଉଛି। ବିଭିନ୍ନ ବିଭାଗ ପାଇଁ ପ୍ରଫେସର ଓ ଆସିଷ୍ଟାଣ୍ଟ ପ୍ରଫେସର ଡାକ୍ତର ନିଯୁକ୍ତି ଜରୁରୀ ହୋଇପଡ଼ିଛି। ଡବଲ ଇଞ୍ଜିନ ସରକାର ଡାକ୍ତର ଯୋଗାଇ ପାରୁନାହାନ୍ତି। ଭବାନୀପାଟଣା ମୁଖ୍ୟ ଡାକ୍ତର ଖାନାରେ ରୋଗୀଙ୍କ ହାର ବୃଦ୍ଧି ପାଉଥିବା ସତ୍ତ୍ୱେ ଶଯ୍ୟାର ଅଭାବ ଆଉ ଏକ ବଡ ସମସ୍ୟା ସୃଷ୍ଟି କରୁଛି। ସଦର ମୁଖ୍ୟ ଚିକିତ୍ସାଳୟ ସମେତ ଜିଲ୍ଲାରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଉପସ୍ୱାସ୍ଥ୍ୟ କେନ୍ଦ୍ର ୩୧୦ଟି ରହିଛି। ସରକାର କଳାହାଣ୍ଡି ଜିଲ୍ଲାରେ ଉତ୍ତମ ସ୍ୱାସ୍ଥ୍ୟ ସେବା ପାଇଁ ବିଗିଡି ଯାଉଥିବା ବ୍ୟବସ୍ଥା ସଜାଡିବାକୁ ବିଭିନ୍ନ ମହଲରୁ ଦାବି ଉଠୁଛି।

## ଜଙ୍ଗଲରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର



ମୁରିବାହାଲ, ୧୪ ।୧୨(ସମିସ): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ଥାନା ଜାମୁଟ ଗୋଚର ନର୍ସରୀ ଜଙ୍ଗଲରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ମୃତ ଯୁବକ ଜଣକ ବଙ୍ଗୋମୁଣ୍ଡା ଚାରିଛକ ରଣାପଡ଼ାର ପିତାମ୍ବର ରଣାଙ୍କ ପୁଅ ଦେବେଶ ରଣା (୨୧)। ସେ ଚାରିଛକରେ ଏକ ଗୁପଚୁପ ଠେଲା ଦେଇ ପରିବାର ପୋଷଣ କରୁଥିଲେ। ତେବେ ଗଛରେ ଏକ ମୃତଦେହ ଝୁଲୁଥିବା ବେଳେ ସ୍ଥାନୀୟ ଲୋକ ଦେଖିବା ପରେ ପ୍ରଘଟ ହୋଇଥିଲା। ଖବର ପାଇ ପରିବାର ଲୋକ ଆସି ଚିହ୍ନଟ କରିଥିଲେ। ବଙ୍ଗୋମୁଣ୍ଡା ଥାନା ଏସଆଇ ବିନୋଦ କନ୍ଧେ, ଏଏସଆଇ ରୁପଧର ବାଗଓ ଅନ୍ୟ ପୁଲିସ କର୍ମଚାରୀଙ୍କ ସହ ପହଞ୍ଚି ମୁରିବାହାଲ ଥାନାକୁ ଖବର ଦେଇଥିଲେ। ମୁରିବାହାଲ ପୁଲିସ ପହଞ୍ଚି ଶବ ଜବତ କରିଥିଲା। ବ୍ୟବଛେଦ ପାଇଁ କଣ୍ଟାବାଞ୍ଜି ଡାକ୍ତରଖାନାକୁ ପଠାଯାଇଥିଲା।

## ଆଜି ଶିବତୁଲା ମଣ୍ଡି ଉଦ୍‌ଘାଟନ

ତରଭା, ୧୪ ।୧୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ଅଧୀନ ଶିବତୁଲା ମଣ୍ଡିକୁ ସୋମବାର ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି। ଅପରାହ୍ନ ୪ଟାରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ସୋନପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ, ଉପ ଜିଲ୍ଲାପାଳ ଡ଼ ସୌମ୍ୟରୁପା ରଥ, ମୁଖ୍ୟ ଯୋଗାଣ ଅଧିକାରୀ, ଏଆରସିଏସ, ବିଆରସିଏସଙ୍କ ସମେତ ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀ ଯୋଗଦେବେ ବୋଲି ଶିବତୁଲା ପାକ୍ସ ସଭାପତି ତପନ ଅଗ୍ରୱାଲ ସୂଚନା ଦେଇଛନ୍ତି।

## ସାମାଜିକ ସମରସତା ଓ ନିଶାମୁକ୍ତ କାର୍ଯ୍ୟକ୍ରମ

ଭବାନୀପାଟଣା, ୧୪।୧୨(ସମିସ): ବିଶ୍ୱ ହିନ୍ଦୁ ପରିଷଦ, କଳାହାଣ୍ଡି ପକ୍ଷରୁ ସାମାଜିକ ସମରସତା କାର୍ଯ୍ୟକ୍ରମ ମଦନ ମୋହନ ମନ୍ଦିର, ମନ୍ଦାର ବଗିଚାପଡ଼ା ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ବିମର୍ଶ ପ୍ରମୁଖ ଦେବୀ ପ୍ରସାଦ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ବୁଦ୍ଧିଜୀବୀ ପ୍ରମୁଖ ଦେବୀ ପ୍ରସାଦ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପରିଷଦର କ୍ଷେତ୍ରୀୟ ସଂଗଠନ ମନ୍ତ୍ରୀ ଗୌତମ ସରକାର ଯୋଗଦେଇ ଏକ ସମରସ ସମାଜ ଗଠନ ନିମନ୍ତେ ମାର୍ଗଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ନଗରର ବହୁ ବିଶିଷ୍ଟ ବ୍ୟକ୍ତି ମାତୃଶକ୍ତି ଓ ପରିଷଦର ଜିଲ୍ଲା ବିମର୍ଶ ସମ୍ପାଦକ ସେବକ ରାମ ସାହୁ, ଜିଲ୍ଲା ବିଶେଷ ସମ୍ପର୍କ ପ୍ରମୁଖ କୃଷ୍ଣ ମୋହନ ଯୋଷୀ, ସମ୍ପାଦକ ଲାଛିଆ ପାତ୍ର, ସଦର ସଭାପତି ସନ୍ତୋଷ ଦାସ, ନଗର ସମ୍ପାଦକ ସରୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଶାସ୍ତ୍ରିଜୀ ମହିଳା ବିଦ୍ୟା ନିକେତନରେ ନିଶା ମୁକ୍ତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷା ନମିତା ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଧାଂଶୁବାଳା ଦେବୀ ମୁଖ୍ୟବକ୍ତା ଭାବରେ ଯୋଗ ଦେଇ ଏକ ନିଶା ମୁକ୍ତ ଓ ସୁସ୍ଥ ସମାଜ ଗଠନ ପାଇଁ ଆହ୍ୱାନ ଦେଇଥିଲେ। ପରିଷଦର ଜ୍ୟୋସ୍ନା ସାହୁଙ୍କ ସମେତ ମାତୃଶକ୍ତି, ଅନୁଷ୍ଠାନର ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରୀମାନେ ଉପସ୍ଥିତ ଥିଲେ।

## ଖପ୍ରାଖୋଲ ବ୍ଲକ୍ ଠିକାଦାର ସଂଘର ବୈଠକ

ଖପ୍ରାଖୋଲ, ୧୪ ।୧୨(ସମିସ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଅଧୀନ ହରିଶଙ୍କର ଉଦ୍ୟାନ ବିଭାଗ ବଗିଚାରେ ବ୍ଲକ ଠିକାଦାର ସଂଘର ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଶାନ୍ତ ମେହେର ଅଧ୍ୟକ୍ଷତା କରିଥିଲେ। ଏହି ବୈଠକରେ ସଂଘର କାର୍ଯ୍ୟକ୍ରମ, ସଦସ୍ୟତା ଗ୍ରହଣ, ବ୍ଲକ ଅଞ୍ଚଳରେ ବିଭିନ୍ନ ବିଭାଗ ତରଫରୁ ହେଉଥିବା ଉନ୍ନୟନ କାମ ଟେଣ୍ଡର ମାଧ୍ୟମରେ କରିବା, ସ୍ଥାନୀୟ ଠିକାଦାରଙ୍କୁ ପ୍ରାଧାନ୍ୟ ଦେବା ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସଭାପତି ଭାବେ ମିଳି ଭୋଇ, ସମ୍ପାଦକ ଭାବେ ବିକାଶ ବେହେରା, ଉପସଭାପତି ଭାବେ ମଧୁ ବରିହା, ସହସମ୍ପାଦକ ଭାବେ ପୁରନ୍ଦର ବନଛୋର ଓ କୋଷାଧ୍ୟକ୍ଷ ଭାବେ ସତ୍ୟ ପଣ୍ଡା ମନୋନୀତ ହୋଇଛନ୍ତି। ଏହା ସହିତ ରୋହିତାଶ ଅଗ୍ରୱାଲ, ସତ୍ୟାନନ୍ଦ ସେହ୍ରାଆ, ପ୍ରଶାନ୍ତ ମେହେର, ଈଶ୍ୱର ମେହେର, ବିଜୁ ମେହେର, ମନୋଜ ବିଶି, ଜୟ ବର୍ଦ୍ଧନ ପ୍ରଧାନ କାର୍ଯ୍ୟକାରୀ କମିଟି ସଦସ୍ୟ ରୂପେ ମନୋନୀତ ହୋଇଛନ୍ତି। ନରେନ୍ଦ୍ର ଭୋଇ, ସୁବୋଧ ଶତପଥୀ, ଉପେନ୍ଦ୍ର ଭୋଇ, ମାନସ ଠାକୁର, ଡାକ୍ତର ସାହୁ, ରଞ୍ଜନ ସାହୁ, ଚନ୍ଦ୍ର ଭାନୁ ପ୍ରଧାନ ପ୍ରମୁଖ ଠିକାଦାରମାନେ ଉପସ୍ଥିତ ଥିଲେ।

## ଷ୍ଟଡିଟ୍ୟୁରରେ ସୋନପୁର କଲେଜ ଛାତ୍ରଛାତ୍ରୀ



କୋମନା, ୧୪ ।୧୨(ସମିସ): ନୂଆପଡ଼ା ଜିଲ୍ଲା ସୁନାବେଡ଼ା ଅଭୟାରଣ୍ୟକୁ ଦିନିକିଆ ଷ୍ଟଡିଟ୍ୟୁରରେ ସୋନପୁର କଲେଜର ୧୬ ଜଣ ପ୍ରାଣୀ ବିଜ୍ଞାନ ବିଭାଗର ଛାତ୍ରଛାତ୍ରୀ। ସୁନାବେଡ଼ା ଅଭୟାରଣ୍ୟରେ ବସବାସ କରୁଥିବା ଆଦିମ ଜନଜାତି ଚକୋଟିଆ ଭୁଞ୍ଜିଆଙ୍କ ଜୀବନ ଶୈଳୀ, ପର୍ଯ୍ୟଟନ ଓ ବନ୍ୟ ପ୍ରାଣୀଙ୍କ ବିଷୟରେ ଅନୁଧ୍ୟାନ କରି ଥିଲେ। କଲେଜର ବରିଷ୍ଠ ଅଧ୍ୟାପକ ଉମାକାନ୍ତ ବାଗଙ୍କ ନେତୃତ୍ୱରେ ଅଧ୍ୟାପିକା ପ୍ରୟୋଜିତା ବିଶି, ସ୍ୱାଗତିକା ବିଶ୍ୱାଳ, ମୀରା ପ୍ରଧାନ, ବିଭୂତି ଭୂଷଣ ପଣ୍ଡା, ପ୍ରଜ୍ଞାଶ୍ରୀ ମେହେର, ଲିଟିଲ୍ ମଲିକ, ବବଲୁ ପାଣିଗ୍ରାହୀ, ବର୍ଷା ମାଝୀ, ଏକଲବ୍ୟ ମହାକୁଡ ପ୍ରମୁଖ ଆସିଥିଲେ। ବନ୍ୟଜନ୍ତୁଙ୍କ ସୁରକ୍ଷା, ସଂରକ୍ଷଣ ଓ ବାଘ ଗଣନା ସମ୍ପର୍କରେ ଅଭୟାରଣ୍ୟର ଅଧିକାରୀ ବୁଝାଇ ଥିଲେ। ଅଭୟାରଣ୍ୟର ଆଦିମ ଜନଜାତିଙ୍କ ପ୍ରଥା, ପରମ୍ପରା, ସଂସ୍କୃତି ଓ ଜୀବନ ଶୈଳୀ ସମ୍ପର୍କରେ ବରିଷ୍ଠ ସାମ୍ବାଦିକ ମାୟାଧର ସରାଫ ବୁଝାଇ ଥିଲେ। ଛାତ୍ର ଛାତ୍ରୀମାନେ ସୁନାବେଡ଼ା ଅଭୟାରଣ୍ୟ ପ୍ରବନ୍ଧ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟକୁ ପ୍ରଦାନ କରିବେ।

## ଆଶ୍ରମ ବିଦ୍ୟାଳୟ କ୍ଲଷ୍ଟରସ୍ତରୀୟ ଶିକ୍ଷା ସଭା




ତରଭା, ୧୪ ।୧୨(ସମିସ): ତରଭା ବ୍ଲକ କୁମ୍ଭାରମୁଣ୍ଡା କ୍ଲଷ୍ଟର ଅଧୀନ ଖଇରଭାଡ଼ି ଆଶ୍ରମ ବିଦ୍ୟାଳୟ ପରିସରରେ କ୍ଲଷ୍ଟରସ୍ତରୀୟ ଶିକ୍ଷା ସଭା ଅନୁଷ୍ଠିତ ହୋଇଯାଇଛି। କୁମ୍ଭାରମୁଣ୍ଡା ସାଧନ କେନ୍ଦ୍ର ସଂଯୋଜକ ସାରଙ୍ଗ ପଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ପୂର୍ବତନ ସହ ଗୋଷ୍ଠୀ ଶିକ୍ଷାଧିକାରୀ ମୁନୁ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବରେ କୁମ୍ଭାରମୁଣ୍ଡା ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଜୟ କୁମାର ସା, ସ୍ଥାନୀୟ ବିଦ୍ୟାଳୟର ସଭାପତି ଉମେଶ ରଣା, ଶିକ୍ଷକ ଦେବୀ ପ୍ରସାଦ ସାହୁ, ଶୈଳେଶ ରଥ, ଯାମିନି ମେହେର, ସନ୍ତୋଷିନୀ ପଣ୍ଡା, ମୁନୁ ତାଣ୍ଡି ପ୍ରମୁଖ ଯୋଗଦାନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ରାଲି ଆୟୋଜନ କରାଯାଇ ଗ୍ରାମ ପରିକ୍ରମା କରଯାଇଥିଲା। ସ୍ଥାନୀୟ ଶିକ୍ଷକ ଶୈଳେଶ ରଥ ସଭା ପରିଚାଳନା କରିଥିବା ବେଳେ ପିଇଟି ହୋମିସ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ୧୯୮୨ମାଟ୍ରିକ୍ ବ୍ୟାଚ୍ ଛାତ୍ରଙ୍କ ବନ୍ଧୁମିଳନ

ଡୁଙ୍ଗୁରିପାଲି, ୧୪ ।୧୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ହାଇସ୍କୁଲ ୧୯୮୨ମସିହାରେ ମାଟ୍ରିକ ଶ୍ରେଣୀରେ ପଢୁଥିବା ଛାତ୍ରମାନଙ୍କର ତୃତୀୟ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୬ଜଣ ପୁରାତନ ଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ବିଭିନ୍ନ ଜିଲ୍ଲାରେ କାମକରୁଥିବା ନୂଆପଡ଼ା, ସମ୍ବଲପୁର, ବରଗଡ଼ ଓ ବଲାଙ୍ଗିରରୁ ଆସି ଯୋଗଦାନ କରିଥିଲେ। ଭୋଜରାଜ ଦଣ୍ଡସେନା ଓ ମଣିଲାଲ ଶର୍ମାଙ୍କ ତତ୍ତ୍ୱାବଧାନରେ ଅଯୋଜିତ ବନ୍ଧୁମିଳନରେ ରାଜୁ ନନ୍ଦ, ଭୁବନ ସିଂ ସାହୁ, ବଜ୍ରରାଜ ସାହୁ, ବୈଷ୍ଣବ ଷଡ଼ଙ୍ଗୀ, ସୌକିଲାଲ ସୁବାସ ଭୋଇ, ଗାନ୍ଧୀ ସାହୁ, ରବୀନ୍ଦ୍ର ବେରିଆ, ରମେଶ ବେହେରା, ସରୋଜ ପଧାନ, ସଚି ମିଶ୍ରଙ୍କ ସହ ବହୁ ପୁରାତନ ଛାତ୍ର ସାମିଲ ହୋଇଥିଲା।

## ଫୁଟବଲ ଟୁର୍ଣ୍ଣାମେଣ୍ଟ; ସୁବଳୟା ବିଜୟୀ



ବୀରମହାରାଜପୁର, ୧୪ ।୧୨(ସମିସ): ବୀରମହାରାଜପୁର ବ୍ଲକ ଲାତୁରପେଟ ଗ୍ରାମର ପ୍ରଗତି କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ୯ମ ବଜରଙ୍ଗବାଲୀ ଏକଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆଜି ସ୍ଥାନୀୟ ଖେଳପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ଖେଳରେ ସୁବଳୟା ଦଳ ବୀରମହାରାଜପୁର ଗୁଡ଼ମର୍ଣ୍ଣିଂ କ୍ଲବ୍‌କୁ ୩-୧ ପେନାଲ୍ଟି ଗୋଲରେ ହରାଇ ଚାମ୍ପିଅନ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଚମ୍ପାମାଳ ସମିତି ସଭ୍ୟ ଲକ୍ଷ୍ମୀନାରାୟଣ ପୁରୋହିତ, ସମାଜସେବୀ ସୁରୁନାରାୟଣ ମହାକୁର ଓ ସୁଧାଂଶୁ ନାଏକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ମୁଖ୍ୟ ଅତିଥି, ସବ୍‌ଇନ୍ସପେକ୍ଟର ସାରଥୀ କଲେତ, ସମାଜସେବୀ ସୁରୁନାରାୟଣ ମହାକୁର, କୁଲୁଣ୍ଡି ଶାରୀରିକ କଲେଜର ପୂର୍ବତନ ଅଧ୍ୟକ୍ଷ ବିଜୟ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ବଦ୍ରିପ୍ରସାଦ ହୋତା, ଅଜିତ ନାଏକ, ସୁମନ୍ତ ରାଉତ, ପ୍ରଶାନ୍ତ ଷାଣ୍ଢ ପ୍ରମୁଖ ଖେଳ ପରିଚାଳନା କରିଥିବାବେଳେ ଅଭିମନ୍ୟୁ ବଗର୍ତ୍ତି ଧାରା ବିବରଣୀ ପ୍ରଦାନ କରିଥିଲେ। ସୁବଳୟା, ସାଗର-୧୧, ରାକେଶ-୧୧, ମରାଲୋ, ଲାତୁରପେଟର ପ୍ରଗତି କ୍ଲବ, ଫୁଲଚରା, ବୀରମହାରାଜପୁର ମର୍ଣ୍ଣିଂ କ୍ଲବ୍ ଓ ବିଶିପଡ଼ାର ବାଉତି ସ୍କୋଟିଂ ଆଦି ମୋଟ ୮ ଟି ଦଳ ଏଥିରେ ଭାଗ ନେଇଥିଲେ।

## ୨୫ତମ ଜାତୀୟ ଶାସ୍ତ୍ରୀୟ ସଙ୍ଗୀତ ସମାରୋହ




ଟିଟିଲାଗଡ଼, ୧୪ ।୧୨(ସମିସ): ସ୍ଥାନୀୟ ପୌର କଲ୍ୟାଣ ମଣ୍ଡପ ପରିସରରେ ୨୫ତମ ମା' ଘଣ୍ଟାଶୁନି ଜାତୀୟ ଶାସ୍ତ୍ରୀୟ ସଙ୍ଗୀତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦେଶର ବିଭିନ୍ନ ପ୍ରାନ୍ତରୁ ସଙ୍ଗୀତ ଗୁରୁମାନେ ଭାଗ ନେଇଥିଲେ। ଶନିବାର ସନ୍ଧ୍ୟା ୬ଟାରୁ ରବିବାର ସକାଳ ୬ ଟା ପର୍ଯ୍ୟନ୍ତ କଳାକାରମାନେ ବେଦମନ୍ତ୍ର, ବନ୍ଦନା, ଶାସ୍ତ୍ରୀୟ ସଙ୍ଗୀତ, ବାଦ୍ୟରେ ସହରରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। ଆୟୋଜକ ଅଗ୍ରଗାମୀ ସାଂସ୍କୃତିକ ସଂସଦ (ସଙ୍ଗୀତ ମହାବିଦ୍ୟାଳୟ)ର ସଭାପତି ଡ. ଛାୟାକାନ୍ତ ଷଡ଼ଙ୍ଗୀ, ଉପସଭାପତି ପ୍ରମୋଦ ରଥ, ସମ୍ପାଦକ ପ୍ରବୀଣ ଦାଶ, ଯୁଗ୍ମ ସମ୍ପାଦକ ସନ୍ତୋଷ ଦାଶ, କୋଷାଧ୍ୟକ୍ଷ ହରି ନାରାୟଣ ବିରତିଆ, ଉପଦେଷ୍ଟା ରାଜକିଶୋର ପାଢ଼ୀ, ସଦସ୍ୟ କୁଳମଣି ମିଶ୍ର, ବାବୁଲି ଷଡ଼ଙ୍ଗୀ, ଗୋବିନ୍ଦ ଦାଶ, ରୁପଧର ଝାଙ୍କର, ପ୍ରସନ୍ନ ଦାଶ, ଅଭିଷେକ ଦାଶ, ଦୀପକ ବେହେରା, ରଞ୍ଜନ ପଟ୍ଟନାୟକ, ଦେବରାଜ ଭୋଇ, କିଶୋର ଦାଶ, ଟିକୁ ସାହୁ, ଡ. ନରେନ୍ଦ୍ର ବେହେରା, ବିଜୟ ବେହେରା ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଅବସରରେ ସ୍ୱର୍ଗତ ସଞ୍ଜୟ ସାହୁ ଏବଂ ହ୍ୟୁମାନ ସାଗରଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା। ସ୍ୱର୍ଗତ ହ୍ୟୁମାନ ସାଗରଙ୍କୁ ଅଧ୍ୟାପକ ପଞ୍ଚାନନ ମିଶ୍ର ସ୍ମୃତି ସମ୍ମାନ ତାଙ୍କ ପୁଅ ଓଡ଼ିଶା ହାଇକୋର୍ଟର ଆଇନଜୀବୀ ଆଶିଷ ମିଶ୍ରଙ୍କ ପକ୍ଷରୁ ପ୍ରଦାନ କରାଯାଇଥିଲା। ହ୍ୟୁମାନଙ୍କ ମାଁ ଶେଫାଳି ସୁନା ସମ୍ମାନ ପତ୍ର ଗ୍ରହଣ କରିଥିଲେ। ଓଡ଼ିଶା ସଙ୍ଗୀତ ଏକାଡେମୀ ପୁରସ୍କାରପ୍ରାପ୍ତ ବଂଶୀବାଦକ ରଞ୍ଜନ ପଟ୍ଟନାୟକଙ୍କୁ ମଧ୍ୟ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

## ବିଦ୍ୟା ଭାରତୀ ଯୋଜନାରେ ସପ୍ତଶକ୍ତି ସଙ୍ଗମ

ଭବାନୀପାଟଣା, ୧୪ ।୧୨(ସମିସ): ବିଦ୍ୟା ଭାରତୀ ଶିକ୍ଷା ବିକାଶ ସମିତି, ଓଡ଼ିଶା ପକ୍ଷରୁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବ୍ରଜବିହାର ଠାରେ ସପ୍ତଶକ୍ତି ସଙ୍ଗମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମାତୃ ଭାରତୀର ଅଧ୍ୟକ୍ଷା ଅମୃତା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବରେ ମହିଳା ସମନ୍ୱୟ ଓ ଧର୍ମ ଜାଗରଣ ସମନ୍ୱୟ ଜିଲ୍ଲା ସଂଯୋଜିକା ବଲବୀର କୌର, ବିଶ୍ୱ ହିନ୍ଦୁ ପରିଷଦ ଓଡ଼ିଶା ପଶ୍ଚିମ ଉପାଧ୍ୟକ୍ଷା ଡାକ୍ତର ହେମାଙ୍ଗିନୀ ମେହେର, କଳ୍ପନା ରଥ, ସ୍ନେହଲତା ଷଡ଼ଙ୍ଗୀ, ସବିତା ଦାଶ, ସୁଦେଷ୍ଣା ପଣ୍ଡା, ସମ୍ମାନିତ ଅତିଥି ଓ ରାଷ୍ଟ୍ର ସେବିକା ସମିତି ଜିଲ୍ଲା କାର୍ଯ୍ୟବାହିକା ପ୍ରତିଭା ଭୋଇ ମୁଖ୍ୟବକ୍ତା ଭାବରେ ଯୋଗଦେଇ ମାତୃ ଶକ୍ତିର ଜାଗରଣ ଓ ସପ୍ତଶକ୍ତି ସଙ୍ଗମ ବିଷୟରେ ଆଲୋଚନା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ମନୋଜ କୁମାର ମୁଣ୍ଡଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମକୁ ଆଚାର୍ଯ୍ୟା ସୁମତି ମୁଣ୍ଡଙ୍କ ସଂଯୋଜନା କରିଥିଲେ। ଆଚାର୍ଯ୍ୟା ରଶ୍ମିତା ପଣ୍ଡା ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ଦେଇଥିଲେ। ସୁକାନ୍ତି ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ନଟରାଜ କଳା ପରିଷଦର ନାଟକ ମହୋତ୍ସବ ଉଦ୍‌ଯାପିତ

ବଲାଙ୍ଗିର, ୧୪ ।୧୨(ସମିସ): କୋସଳ କଳା ମଣ୍ଡଳରେ ନଟରାଜ କଳା ପରିଷଦର ନାଟକ ମହୋତ୍ସବ-୨୦୨୫ (ତ୍ରିନିଟି ୩/୨) ଉଦ୍‌ଯାପିତ ହୋଇଛି। ପ୍ରେମ କେତେବେଳେ ସୁବାସିତ ଫୁଲ ଭଳି ତ କେତେବେଳେ କଣ୍ଟାଭରା ଡାଳ ଭଳି। ପ୍ରେମ ଯଦି ସ୍ୱାର୍ଥ ବାହାରେ



ରହିଥାଏ ଏବଂ ଉଦ୍ଦେଶ୍ୟ ପ୍ରଣଦିତ ହୋଇ ନ ଥାଏ ତେବେ ତାହା ପବିତ୍ର ଏବଂ ଅମୃତମୟ। ସ୍ୱାର୍ଥ ଏବଂ ଉଦ୍ଦେଶ୍ୟ ପ୍ରେମକୁ ବିଷମୟ କରିଥାଏ। ଏହି ବିଷ ଥରେ ପ୍ରେମ ସହିତ ମିଶି ଗଲେ ତାହା ଜୀବନକୁ ହନ୍ତସନ୍ତ କରିଦିଏ। ଏଥି ପାଇଁ ପ୍ରେମ ଦାୟୀ ନୁହେଁ; ସ୍ୱାର୍ଥପର ମଣିଷ ହିଁ ଏଥିପାଇଁ ଦାୟୀ। ଏହା ଉପରେ ଆଧାରିତ ହୋଇ ନାଟକ 'ଭୁଲତା' ଉଦ୍‌ଯାପନୀ ଉତ୍ସବର ପ୍ରଥମ ନାଟକ ଭାବେ ପ୍ରଦର୍ଶିତ ହୋଇଥିଲା। ବିଶିଷ୍ଟ ନାଟ୍ୟକାର ଅଶୋକ ବହିଦାର ଏହାର ରଚନା କରିଥିବାବେଳେ ରାମ ପ୍ରସାଦ ଦାଶ ନିର୍ଦ୍ଦେଶନା ଦେଇଥିଲେ। ଗଣେଶ ପୂଝାରୀ ସଙ୍ଗୀତ ଦେଇଥିଲେ। ସେହିଭଳି ଗବେଷଣା କରି କିଛି ନୂତନ ଉଦ୍ଭାବନ କରିବା ନୂଆ କଥା ନୁହେଁ; ମାତ୍ର ଗବେଷକ ଯଦି ପଥଚ୍ୟୁତ ହୋଇଯାନ୍ତି ତାର କୁପରିମାଣମ କେବଳ ସେ ଭୋଗ କରନ୍ତି ନାହିଁ; ଅଧିକନ୍ତୁ ଏହା ସମାଜ ଉପରେ ଗଭୀର ପ୍ରଭାବ ପକାଏ। ଏହାକୁ ନେଇ ଦ୍ୱିତୀୟ ନାଟକ 'ପାରଶମଣି' ପ୍ରଦର୍ଶିତ ହୋଇଥିଲା। ଦବରାଜ ସାହୁ ଏହି ନାଟକର ଲେଖକ ଥିବାବେଳେ ସତ୍ୟବ୍ରତ ଆଚାର୍ଯ୍ୟ ନିର୍ଦ୍ଦେଶନା ଦେଇଥିଲେ।

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ସୋନପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ ଯୋଗ ଦେଇଥଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ଯୋଷୀ ଓ ଲୋୟର ସୁକତେଲ ଏସ୍.ଇ. ସୁରେନ୍ଦ୍ର ସେଠ ମଞ୍ଚାସୀନ ଥିଲେ। ହରିନାରାୟଣ ପୂଜାରୀ ସଭାପତିତ୍ୱ କରିଥିଲେ। ଅଧ୍ୟକ୍ଷ ଡ. ଶ୍ରୀକର ମିଶ୍ର ସଭା ପରିଚାଳନା କରିଥିଲେ। ପ୍ରାଧ୍ୟାପକ ପ୍ରଶାନ୍ତ ଖମାରୀ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ସ୍ୱର୍ଗତ ଲଳିତ ନାୟକଙ୍କ ସ୍ମୃତିରେ ଡ. ରୁଦ୍ର ନାରାୟଣ ପଟେଲଙ୍କୁ ନଟରାଜ ସେବା ସମ୍ମାନ ପ୍ରଦାନ କରାଯାଇଥିଲା। ସେହିଭଳି 'ବା' ଓ 'ଜମିଦାର' ନାଟକର ନିର୍ଦ୍ଦେଶକ ପ୍ରହଲ୍ଲାଦ ଦର୍ଜି, ନିର୍ଦ୍ଦେଶକ ସତ୍ୟବ୍ରତ ଆଚାର୍ଯ୍ୟ, ଯାଦୁବାଲା ଓ ଭୁଲତା ନାଟକର ନିର୍ଦ୍ଦେଶକ ରାମ ପ୍ରସାଦ ଦାଶଙ୍କୁ ସମ୍ମାନିତ କରାଯାଇଥିଲା।

## ଲୋକଙ୍କ ପ୍ରଶ୍ନରେ ଘାଇଲା ମୁକେଶ

ଶଗଡ଼ା, ୧୪ ।୧୨(ସମିସ): କଣ୍ଟାମାଳ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ ବେଳେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ହଟହଟା ହୋଇଛନ୍ତି। ଲୋକଙ୍କ ପ୍ରଶ୍ନରେ ତାଙ୍କୁ ଘାଇଲା ହେବାକୁ ପଡ଼ିଛି। ଏହି ଡାକ୍ତରଖାନାରେ ବିଶେଷଜ୍ଞ ପଦବୀ ଖାଲି ପଡ଼ିଛି। ଆବଶ୍ୟକ ଭିତ୍ତିଭୂମି ଅଭାବ ରହିଛି। ଏ ନେଇ ଅଞ୍ଚଳବାସୀ ତାଙ୍କୁ ଅନେକ ଥର ସାକ୍ଷାତ କଲେଣି। ବିଶେଷଜ୍ଞ ଡାକ୍ତର ପଦବୀ ପୂରଣ ପାଇଁ ଦାବି କରି ଆସୁଛନ୍ତି; ହେଲେ ଜଣେ ମଧ୍ୟ ଡାକ୍ତର ପଦବୀ ପୂରଣ ହୋଇନି। କଣ୍ଟାମାଳ ଓ ମନମୁଣ୍ଡା ଡାକ୍ତରଖାନାରେ କେବଳ ଏମବିବିଏସ ଡାକ୍ତର ଅଛନ୍ତି। ଏହି ଦୁଇ ଡାକ୍ତରଖାନାରେ ପଡୋଶୀ ଜିଲ୍ଲାର ବହୁ ରୋଗୀ ନିର୍ଭର କରିଥାନ୍ତି। ଦିନେ ମନମୁଣ୍ଡା ଡାକ୍ତରଖାନା ଜିଲ୍ଲା ତଥା ଜିଲ୍ଲା ବାହାରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା। ଏବେ ବିଶେଷଜ୍ଞ ଡାକ୍ତର ନ ଥିବାରୁ ରୋଗୀ ଉପଯୁକ୍ତ ସେବା ପାଉ ନାହାନ୍ତି। ସ୍ୱାସ୍ଥ୍ୟସେବାକୁ ନେଇ ଅଞ୍ଚଳବାସୀ ଅତିଷ୍ଠ ହୋଇ ପଡ଼ିଛନ୍ତି। ଏଣୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ କୁହୁଳିବାରେ ଲାଗିଛି। ଏହାର ଫଳ ସ୍ୱରୂପ ରବିବାର ମୁକେଶ କଣ୍ଟାମାଳ ଡାକ୍ତରଖାନା ପରିଦର୍ଶନରେ ଆସିଥିବା ବେଳେ ଅଞ୍ଚଳବାସୀ ଅସନ୍ତୋଷ ଜାହିର କରିଥିଲେ। ବିଶେଷଜ୍ଞ ଡାକ୍ତର ନିଯୁକ୍ତି ନେଇ ଏକ ଦାବିପତ୍ର ପ୍ରଦାନ



କରିଥିଲେ। ଡାକ୍ତର ନିଯୁକ୍ତି ନେଇ ଅଞ୍ଚଳବାସୀ ମୁକେଶଙ୍କୁ ଅନେକ ପ୍ରଶ୍ନ ପଚାରି ଥିଲେ। ଲୋକଙ୍କ ପ୍ରଶ୍ନରେ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କୌଣସି ଉତ୍ତର ଦେଇ ନ ପାରି ଚୁପ୍ ରହିଥିବା ଦେଖିବାକୁ ମିଳିଥିଲା। ସ୍ୱାସ୍ଥ୍ୟ ସେବାରେ ବୌଦ୍ଧ ଜିଲ୍ଲାର ଉପାନ୍ତ ଅଞ୍ଚଳ କୁହାଯାଉଥିବା କଣ୍ଟାମାଳ ଅଞ୍ଚଳକୁ ବାରମ୍ବାର ଅଣଦେଖା କରାଯାଉଛି। ଏଭଳି ଅଭିଯୋଗ କରି ଉପସ୍ଥିତ ସ୍ଥାନୀୟ ବୁଦ୍ଧିଜୀବୀ ତଥା ଅସନ୍ତୁଷ୍ଟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା।

### ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା

## ୧୮୭ଜଣଙ୍କ ରାମେଶ୍ୱରମ ଓ ମଦୁରାଇ ଯାତ୍ରା

ଭବାନୀପାଟଣା, ୧୪ ।୧୨(ସମିସ)

ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ରବିବାର କଳାହାଣ୍ଡିରୁ ୫ଟି ସ୍ୱତନ୍ତ୍ର ବସ୍ ଯୋଗେ ୧୮୭ଜଣ ବରିଷ୍ଠ ନାଗରିକ ରାମେଶ୍ୱରମ ଓ ମଦୁରାଇ ଅଭିମୁଖେ ଯାତ୍ରା କରିଛନ୍ତି। ରାୟଗଡ଼ାରେ ସମସ୍ତ ତୀର୍ଥଯାତ୍ରୀ ରାତ୍ରିଯାପନ କରି ସୋମବାର ସ୍ୱତନ୍ତ୍ର ଟ୍ରେନ ଯୋଗେ ତାମିଲନାଡୁ ସ୍ଥିତ ରାମେଶ୍ୱରମ ଓ ମାଦୁରାଇ ଯାତ୍ରା କରିବେ। ଏହାସହ ଆସନ୍ତା ଡ଼ିସେମ୍ବର ୨୧ ତାରିଖରେ ସେମାନେ ଜିଲ୍ଲାକୁ ଫେରିବେ ବୋଲି ଜଣାପଡ଼ିଛି। ଜିଲା ପର୍ଯ୍ୟଟନ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନ, ସମ୍ମାନିତ ଅତିଥି ଭାବେ ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ଯୁବ ଅଧିକାରୀ ପ୍ରସନ୍ନ ମେହେର, ଜିଲା ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ସୁବୋଧ ଛତ୍ରିଆ ପ୍ରମୁଖ ଭବାନୀପାଟଣା ସ୍ଥିତ ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟରୁ ପତାକା ଦେଖାଇ ତୀର୍ଥ ଯାତ୍ରାର ଶୁଭାରମ୍ଭ କରିଥିଲେ। ସମସ୍ତ ତୀର୍ଥଯାତ୍ରୀ ନିଜର ସୁବିଧା ଅସୁବିଧା ସାଙ୍ଗରେ ଯାଇଥିବା ଏସ୍କର୍ଟ ଅଧିକାରୀଙ୍କୁ ଜଣାଇ କିପରି ସୁରକ୍ଷିତ ଭାବରେ ତୀର୍ଥଯାତ୍ରା ଭ୍ରମଣ ସାରି ନିଜ ନିଜ ଘରକୁ ଫେରିବେ ସେ ସମ୍ପର୍କରେ ଅତିରିକ୍ତ ଜିଲ୍ଲାପାଳ ଦରୱାନ ପରାମର୍ଶ ଦେଇଥିଲେ। ଜିଲ୍ଲାର ୧୮୭ ଜଣ ବରିଷ୍ଠ ତୀର୍ଥ ଯାତ୍ରୀ ଭଲରେ ତୀର୍ଥ ଯାତ୍ରା ସାରି କେମିତି ଭଲରେ ଫେରି ଆସିବେ ସେଥି ପାଇଁ ମୁଖ୍ୟଅତିଥି ଏବଂ ସମ୍ମାନିତ ଅତିଥି ସମସ୍ତ ତୀର୍ଥଯାତ୍ରୀଙ୍କର ଶୁଭ କାମନା କରିଥିଲେ। ବରିଷ୍ଠ ନାଗରିକ ତୀର୍ଥ ଯାତ୍ରୀଙ୍କୁ ନେଇ ଯାଉଥିବା ବସରେ ଯାତ୍ରୀଙ୍କ ସୁବିଧା ଅସୁବିଧା ବୁଝିବା ପାଇଁ ତାଙ୍କୁ ଭଲରେ ନେଇ ଆଣିବା ପାଇଁ ୬ ଜଣ ଏସ୍କର୍ଟ ଅଧିକାରୀଙ୍କୁ ସାଙ୍ଗରେ ପଠାଯାଇଛି।



## ଚନ୍ଦ୍ରମଣି ଦାସ ସମାଧି ପୀଠରେ ବକୁଳ ଯାତ୍ରା ମହୋତ୍ସବ



**ବୀରମହାରାଜପୁର, ୧୪।୧୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ କୋଟସମାଲଏ ପଞ୍ଚାୟତ ଅଧୀନ ସିଦ୍ଧଯୋଗୀ ଚନ୍ଦ୍ରମଣି ଦାସ ସମାଧି ପୀଠ, ବାଘପାଲି ଠାରେ ପ୍ରସିଦ୍ଧ ବକୁଳ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ ବିଦ୍ୟାଳୟ ନିରୀକ୍ଷକ କାଳିଆ ପଧାନ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ବକୁଳ ଯାତ୍ରା ମହୋତ୍ସବର ମାହାତ୍ମ୍ୟ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବରେ ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ନରଞ୍ଜନ ପାଢ଼ୀ, ଶିକ୍ଷକ ସନ୍ତୋଷ ପଧାନ, ଲକ୍ଷ୍ମୀ ନାରାୟଣ ମୁଦୁଲି, ବରିଷ୍ଠ ନାଗରିକ ରବି ବେହେରା ଉପସ୍ଥିତ ଥିଲେ। ମକୁନ୍ଦ ଧରୁଆ ମଞ୍ଚ ପରିଚାଳନା କରିଥିଲେ। ଗୌନ୍ତିଆ ଶୁରେଶ ପଣ୍ଡା ଓ ସମାଧି ପୀଠର ପୂଜକ ଧୀରେନ ପଣ୍ଡା ରୁଗୁଡ଼ି ମୁଣ୍ଡାରେ ବୈଦିକ ରୀତିନୀତିରେ ପୂଜାର୍ଚ୍ଚନା କଲାପରେ ଶୁଭ କଳସ ସ୍ଥାପନ ହୋଇଥିଲା। ବ୍ୟାସ ଜଗଦିଶ ପୁରୋହିତ ଭାଗବତ ସପ୍ତାହ ପରାୟଣ ଆରମ୍ଭ କରିଥିଲେ। ସମାରୁ ବଗର୍ତ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ପୁରନ୍ଦର ଥାଟି, ଘନଶ୍ୟାମ ପଧାନ, ରାଜକୁମାର ଅମାତ, ହିମାଂଶୁ ପଧାନ, ପ୍ରମୁଖ ସହଯୋଗ କରିଥିଲେ।

## ଭାରସାମ୍ୟ ହରାଇ ଗଛକୁ ଧକ୍କା ଦେଲା କାର୍

**ବୌଦ୍ଧ, ୧୪।୧୨(ସମିସ):** ୫୭ ନମ୍ବର ଜାତୀୟ ରାଜପଥର ସାହାଜପାଲ ଓ କାଶଲପୁରର ମଧ୍ୟବର୍ତ୍ତୀ ସିଦ୍ଧପୁର ନିକଟରେ ରବିବାର ଦୁର୍ଘଟଣା ଘଟିଛି। ଗୋଟିଏ କାର୍ (ଓଡ଼ି୧୪ଏକେ ୯୦୪୮) ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱର ଗଛକୁ ଧକ୍କା ଦେଇ ଦୁର୍ଘଟଣା ଗ୍ରସ୍ତ ହୋଇଛି। କାର୍‌ଟି ବରଗଡ଼ରୁ ଫୁଲବାଣୀ ଅଭିମୁଖେ ଯାଉଥିଲା। କାରର ଆଗ ଅଂଶ ଭାଙ୍ଗି ଯାଇଥିବା ବେଳେ କାରର ବେଲୁନ ବାହାରି ପଡ଼ିବାରୁ ଚାଳକ ବର୍ତ୍ତି ଯାଇଛନ୍ତି। କାରରେ କୌଣସି ଯାତ୍ରୀ ନ ଥିଲେ। ଚାଳକଙ୍କୁ ନିଦ ଲାଗିଯିବାରୁ ଦୁର୍ଘଟଣା ଘଟିଥିବା ସୂଚନା ମିଳିଛି।

### ଧଳପୁର ପ୍ରାଣୀଧନ ସହାୟତା କେନ୍ଦ୍ର

## ଦିନ ୧୨ଟା ପର୍ଯ୍ୟନ୍ତ ତାଲା





**ବୌଦ୍ଧ, ୧୪।୧୨(ସମିସ)**

ବୌଦ୍ଧ ଜିଲ୍ଲା ଧଳପୁର ପ୍ରାଣୀଧନ ସାଧନ କେନ୍ଦ୍ରରେ ଦିନକୁ ଦିନ ଅବ୍ୟବସ୍ଥା ବଢୁଥିବା ଦେଖିବାକୁ ମିଳିଛି; ଯାହାକୁ ନେଇ ସ୍ଥାନୀୟ ପ୍ରାଣୀପାଳକ ଓ ଚାଷୀମାନେ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି। ସେବା ସମୟ ସକାଳ ୧୦ଟା ହେବା ସତ୍ତ୍ୱେ ଅଧିକାଂଶ ଦିନ କେନ୍ଦ୍ର ୧୨ଟା ପର୍ଯ୍ୟନ୍ତ ତାଲାପଡ଼ି ରହୁଛି। ଅନେକ ପ୍ରାଣୀପାଳକ ଅସହାୟ ଅବସ୍ଥାରେ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ବାଧ ହେଉଛନ୍ତି। ଅଞ୍ଚଳବାସୀ ପଶୁ ଚିକିତ୍ସା, ଟୀକାକରଣ, କୃତ୍ରିମ ଗର୍ଭଧାରଣ ସହ ବିଭିନ୍ନ ସେବା ପାଇଁ ପ୍ରତିଦିନ ଏଠାକୁ ଆସୁଛନ୍ତି; କିନ୍ତୁ କେନ୍ଦ୍ରର ଏଭଳି ସ୍ଥିତି ଯୋଗୁଁ ପଶୁ ଚିକିତ୍ସାରେ ବିଳମ୍ବ ହେଉଛି।

ଏହି କେନ୍ଦ୍ରରେ ନିଯୁକ୍ତ ଥିବା ପ୍ରାଣୀ ସାହାୟକଙ୍କ ମନମୁଖୀ କାର୍ଯ୍ୟ ଓ କାର୍ଯ୍ୟାଳୟକୁ ବିଳମ୍ବରେ ଖୋଲିବା, କେନ୍ଦ୍ରକୁ ନିୟମିତ ଭାବେ ଚଳାଇବା ପାଇଁ ଅଧିକାରୀମାନେ କୌଣସି ଦୃଢ଼ ପଦକ୍ଷେପ ନ ନେବା ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି। ସରକାରଙ୍କ ଦ୍ୱାରା ନିଶୁଳ୍କ ଟୀକା, ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ, ପଶୁ ଚିକିତ୍ସା ପରି ଯୋଜନା ଚାଲିଥିଲେ ମଧ କେନ୍ଦ୍ର ବନ୍ଦ ରହୁଥିବାରୁ ଅଞ୍ଚଳବାସୀ ଲାଭ ପାଇ ପାରୁ ନାହାନ୍ତି।

## ଅନୁକୂଳ ଚନ୍ଦ୍ର ଅନୁଗାମୀଙ୍କ ଶୋଭାଯାତ୍ରା

**ବୌଦ୍ଧ, ୧୪।୧୨(ସମିସ):** ବୌଦ୍ଧ ସହର ବୁଟୁପାଲିଠାରୁ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ପୁଣ୍ୟ ୧୩୮ ତମ ଶୁଭ ଆବିର୍ଭାବ ଦିବସ ଅବସରରେ ଏକ ଆଧ୍ୟାତ୍ମିକ ଶୋଭାଯାତ୍ରା ଅନୁଷ୍ଠିତ ହୋଇ ଯାଇଛି। ବୌଦ୍ଧ ସତସଙ୍ଗ ବିହାର ପକ୍ଷରୁ ଆୟୋଜିତ ଏହି ଶୋଭାଯାତ୍ରାରେ ଏକ ସୁଦୃଶ୍ୟ ରଥରେ ଠାକୁର ଶ୍ରୀ ଶ୍ରୀ ଅନୁକୂଳ ଚନ୍ଦ୍ରଙ୍କ ଫଟୋଚିତ୍ରକୁ ବସାଇ ନାମ ସଙ୍କୀର୍ତ୍ତନ ସହ ସହର ପରିକ୍ରମା କରା ଯାଇଥିଲା। ଶୋଭାଯାତ୍ରାରେ ଜିଲ୍ଲାର ଶତାଧିକ ସତସଙ୍ଗୀ ଯୋଗ ଦେଇଥିଲେ।

## 'ବଂଶୀ ବିଳପିଲା ଯମୁନା ତଟେ' ମଞ୍ଚସ୍ଥ

**ବୌଦ୍ଧ, ୧୪।୧୨(ସମିସ):** ବୌଦ୍ଧ ଭୈରବୀ ପଡ଼ିଆରେ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଶ୍ରୀ ଶ୍ରୀ ମଦନ ମୋହନ ନାଟ୍ୟ କଳା ପରିଷଦ ପକ୍ଷରୁ ଗତ ବୁଧବାରଠାରୁ ଧନୁଯାତ୍ରା ନାଟ୍ୟୋତ୍ସବ ଆରମ୍ଭ ହୋଇଛି। ଚତୁର୍ଥ ସନ୍ଧ୍ୟାରେ ସ୍ନେହା ମିଶ୍ର ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ। ସେହିଭଳି ନାଟକ ବଂଶୀ ବିଳପିଲା ଯମୁନା ତଟେ ମଞ୍ଚସ୍ଥ ହୋଇଥିଲା। କୃଷ୍ଣଙ୍କ କାଳୀୟ ଦଳନର ଅପୂର୍ବ ଦୃଶ୍ୟ ଦର୍ଶକଙ୍କ ମନକୁ ଆକର୍ଷିତ କରିଥିଲା। ଶ୍ରୀ କୃଷ୍ଣ ଯୌବନରେ ପଦାର୍ପଣ, ବ୍ରହ୍ମାଙ୍କଠାରୁ ମୋହନ ବଂଶୀ ପ୍ରାପ୍ତି, ଗୋପୀଙ୍କ ବସ୍ତ୍ର ହରଣ, ଯମୁନାରେ ନାବକେଳି, ଗିରି ଗୋବର୍ଦ୍ଧନ ଧାରଣ ଆଦି ଉପରେ ଏହି ନାଟକ ପାରିବେଶିତ ହୋଇଥିଲା। ବର୍ଷିଆନ ନାଟ୍ୟକାର ହୃଦାନନ୍ଦ ମେହେରଙ୍କ ରଚନାରେ ଦେବଙ୍ଗନ ମେହେର ନିର୍ଦ୍ଦେଶନା ଦେଇଥିଲେ। ବୃନ୍ଦାବନ ମେହେର, ପଙ୍କଜ ମେହେର, କୃଷ୍ଣ ପରିଡ଼ା, ରମେଶ ପ୍ରସାଦ ମେହେର ପ୍ରମୁଖଙ୍କ ସହଯୋଗରେ ଏହି ଯାତ୍ରା ପରିଚାଳିତ ହେଉଛି। ନାଟକର କଂସ ଚରିତ୍ରରେ ବାବୁଲାଲ ପ୍ରଧାନ, ବସୁଦେବ ଭାବେ ଲୋକନାଥ ମେହେର, ନନ୍ଦରାଜ ଭାବେ ଇନ୍ଦ୍ରମଣୀ ମେହେର, ଯଶୋଦା ଭୂମିକାରେ ସାନୁଜ୍ୟ ବାରିକ, ବ୍ରହ୍ମା ଭାବେ ପୀତବାସ ନାଉରୀ ପ୍ରମୁଖ ଅଭିନୟ କରିଥିଲେ।

## ରାମଗଡ଼ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା

**ବୌଦ୍ଧ, ୧୪।୧୨(ସମିସ):** ରାମଗଡ଼ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଓ ଇଣ୍ଟର ହାଉସ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ରାମଗଡ଼ ସରପଞ୍ଚ ପ୍ରଭାସିନୀ ଯୋଶୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅଙ୍କିତା ମାହାଣାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂସ୍କୃତ ଶିକ୍ଷକ ଗିରିଜା ଶଙ୍କର ବାଘ ମଞ୍ଚ ପରିଚାଳନା କରିଥିଲେ। ଉଦ୍‌ଘାଟନୀ ଦିବସରେ ଶିକ୍ଷକ ମାନସ ସେଠୀଙ୍କ ନେତୃତ୍ୱରେ ସ୍କାଉଟ୍ ଛାତ୍ରଛାତ୍ରୀ ରାମଗଡ଼ ବୁଢ଼ୀବାଉରୀ ମନ୍ଦିରରୁ ମଶାଲ ଆଣିଥିଲେ। କ୍ରୀଡ଼ା ଶିକ୍ଷକ ଦଶରଥ ଭୋଇଙ୍କ ତତ୍ତ୍ୱାବଧାନରେ ଖେଳକୁଦ ଅନୁଷ୍ଠିତ ହୋଇଥିଲା। ସମୁଦାୟ ୩୨ଟି ଇଭେଣ୍ଟ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହଯୋଗରେ ଆୟୋଜିତ ହୋଇଥିଲା।

## ମେଣ୍ଟିମାଳ ହାଇସ୍କୁଲର ବାର୍ଷିକ କ୍ରୀଡ଼ା

**ବୌଦ୍ଧ, ୧୪।୧୨(ସମିସ):** ବୌଦ୍ଧ ବ୍ଲକ ବଘିଆପଡ଼ା ପଞ୍ଚାୟତ ମେଣ୍ଟିମାଳ ସରକାରୀ ଉଚ୍ଚ ବିଦ୍ୟାଳୟର ଦୁଇ ଦିନିଆ ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ପ୍ରଧାନଶିକ୍ଷକ ସନ୍ତୋଷ ସାହୁ କ୍ରୀଡା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ଖେଳ ଶିକ୍ଷକ ସରୋଜ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବିଭିନ୍ନ କ୍ରୀଡା ଆୟୋଜନରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ।

## ଅଷ୍ଟପ୍ରହର ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା

**ପଲଶାଗୋରା, ୧୪।୧୨(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଶିମିଳିପଦର ପଞ୍ଚାୟତ ପତ୍ରାପାଲି ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ପାଇଁ ରବିବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସକାଳୁ ନିକଟସ୍ଥ ପୋଖରୀରୁ ପୂଜା କରାଯାଇ ଗ୍ରାମର ମହିଳା ଓ ପୁରୁଷମାନେ ନାମ ସଂକୀର୍ତ୍ତନ ସହ କଳସ ଆଣି ଯଜ୍ଞ ସ୍ଥଳରେ ସ୍ଥାପନ କରିଥିଲେ। ସୋମବାର ସକାଳୁ ନାମାରମ୍ଭ ହେବ। ମଙ୍ଗଳବାର କୀର୍ତ୍ତନଧାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ରିକନ ମହାପାତ୍ର ଏବଂ ତାଙ୍କ ପତ୍ନୀ ସ୍ନେହାରାଣୀ କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ବନମାଳୀ ପ୍ରହରାଜ ପୂଜକ ଦାୟିତ୍ୱ ରହିଛନ୍ତି।

## ସ୍କାଉଟ୍ ଓ ଗାଇଡ କ୍ୟାମ୍ପୋରି ପାଇଁ ପ୍ରସ୍ତୁତି



**ବୌଦ୍ଧ, ୧୪।୧୨(ସମିସ):** ମାଉଳସିଙ୍ଗା ହାଇସ୍କୁଲରେ ଜିଲ୍ଲାସ୍ତରୀୟ ସ୍କାଉଟ୍ ଓ ଗାଇଡ କ୍ୟାମ୍ପୋରି ଆୟୋଜନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ ଅଧକ୍ଷତା କରିଥିଲେ। ଡିସେମ୍ବର ୧୭ରୁ ୧୯ ତାରିଖ ପର୍ଯ୍ୟନ୍ତ ମାଉଳସିଙ୍ଗା ହାଇସ୍କୁଲରେ ଜିଲ୍ଲାସ୍ତରୀୟ କ୍ୟାମ୍ପୋରି ଅନୁଷ୍ଠିତ ହେବ। ବୈଠକରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚୁଡ଼ାମଣି ବାରିକ, ହରଭଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ହାଡ଼ିବନ୍ଧୁ ବେହେରା, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଆନନ୍ଦ ବେହେରା, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଜୟନ୍ତ ପ୍ରଧାନ, ଜାନକୀ ଭିକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

## ଜେଜେବାପା ଜେଜେମା ସମ୍ମିଳନୀ



**ବୌଦ୍ଧ, ୧୪।୧୨(ସମିସ):** ବୌଦ୍ଧ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଜେଜେ ବାପା ଜେଜେ ମା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ବରିଷ୍ଠ ସାମ୍ବାଦିକ ରଜନୀକାନ୍ତ ଦାସ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ଗୌରୀ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ପରିଚାଳନା କମିଟିର ସଦସ୍ୟା ପୁଷ୍ପାଞ୍ଜଳି ନାୟକ, ତୃପ୍ତିମୟୀ ପଟ୍ଟନାୟକ, ପ୍ରଧାନ ଆଚାର୍ଯ୍ୟ ଶ୍ରୀବସ୍ତ ମିଶ୍ର ମଞ୍ଚରେ ଉପସ୍ଥିତ ଥିଲେ। ସେହିଭଳି ଷଷ୍ଠରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ଭଉଣୀମାନଙ୍କୁ ନେଇ କନ୍ୟାଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ଲୀଳାବତି ବେହେରା, ଆଇନଜୀବୀ ସୁନିତା ରାଜ ସହଯୋଗ କରିଥିଲେ। ଏହି ଅବସରରେ ଶିଶୁମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ଝୋଟି, ରଙ୍ଗୀନ ଦୀପ ତିଆରି ପ୍ରତିଯୋଗିତା ହୋଇଥିଲା। ମାଆମାନଙ୍କୁ ନେଇ 'ସପ୍ତ ଶକ୍ତି ସଙ୍ଗମ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ରଶ୍ମିତା ହୋତା, ପରିଚାଳନା କମିଟିର ସଦସ୍ୟା ପୁଷ୍ପାଞ୍ଜଳି ନାୟକ ଓ ତୃପ୍ତିମୟୀ ପଟ୍ଟନାୟକ ଉପସ୍ଥିତ ଥିଲେ। ଆଶାରାଣୀ ମହାନ୍ତି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମାଆମାନଙ୍କ ମଧ୍ୟରେ କୁଇଜ୍, ଗୀତ, ଖେଳ ଓ ବିଭିନ୍ନ କ୍ରିୟାକଳାପ କରାଯାଇଥିଲା।

## କାନ୍ଥରେ ଧକ୍କାହୋଇ ବୁଲେଟ ଚାଳକ ମୃତ

**ବୌଦ୍ଧ, ୧୪।୧୨(ସମିସ):** ବୌଦ୍ଧ ଥାନା ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ନାରାୟଣ ନଗର ସାପ୍ତାହିକ ହାଟ ନିକଟରେ ରାସ୍ତା ପାର୍ଶ୍ୱ କାନ୍ଥକୁ ଧକ୍କା ଦେଇ ଏକ ବୁଲେଟ (ଓଡି ୩୧ ଏମ ୪୫୪୧) ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହାଫଳରେ ଜଣେ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଖୁଣ୍ଟବନ୍ଧ ପଞ୍ଚାୟତ ବାଲିଦୋହଲି ଗ୍ରାମର ସୁଜନ ମହାକୁଡ। ତାଙ୍କ ସହ ବୁଲେଟରେ ଯାଉଥିବା ସମ୍ପର୍କୀୟ ରାମଗଡ଼ ପଞ୍ଚାୟତ ମହୀବାହାଲ୍ ଗ୍ରାମର ଆକାଶ ପାତ୍ର ଗୁରୁତର ହୋଇଛନ୍ତି। ଉଭୟ ଚାରିଶମ୍ଭୁ ପଟରୁ ଜହ୍ନାପଙ୍କ ଆଡକୁ ଆସୁଥଲେ; ହେଲେ ହାଟପଦା ନିକଟ ଡାହାଣ ପାର୍ଶ୍ୱରେ ଗୌତମ ମେହେରଙ୍କ ଘର କାନ୍ଥରେ ଧକ୍କାହୋ ଦୁର୍ଘଟଣା ଗ୍ରସ୍ତ ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ଜହ୍ନାପଙ୍କ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରୁ ବୌଦ୍ଧ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ତେବେ ଡାକ୍ତର ସୁଜନଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷେ ପ୍ରାଥମିକ ଚିକିତ୍ସା ପରେ ଆକାଶଙ୍କୁ ବୁର୍ଲା ଭୀମସାରକୁ ସ୍ଥାନାନ୍ତର କରାଯାଇଛି। ଜହ୍ନାପଙ୍କ ଫାଣ୍ଡି ପୁଲିସ ବୁଲେଟକୁ ଜବତ କରିଛି। ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

## ଗୁହିରାପାଲିରେ ଅଷ୍ଟପ୍ରହର ନାମଯଜ୍ଞ

**ଶଗଡ଼ା, ୧୪।୧୨(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଲମ୍ବସରୀ ପଞ୍ଚାୟତ ଗୁହିରାପାଲି ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଗ୍ରାମର ଶତାଧିକ ପୁରୁଷ ଓ ମହିଳା କଳସ ଧରି ଗାଁ ପୁଷ୍କରିଣୀରୁ ପାଣି ଆଣିଥିଲେ। ପୂଜାର୍ଚ୍ଚନା ସହ ଯଜ୍ଞ ମଣ୍ଡପରେ ସ୍ଥାପନ କରିବା ପରେ ନାମଯଜ୍ଞ ଆରମ୍ଭ ହୋଇଥିଲା। ଏହି ନାମ ଯଜ୍ଞରେ ପୂଜକ ଭାବେ ମନୋଜ ମିଶ୍ର ଓ ରାଜକୁମାର ଦାସ ପୂଜା କାର୍ଯ୍ୟ ନିର୍ବାହ କରିଥଲେ। କର୍ତ୍ତା ଭାବେ ପ୍ରଣବ ପ୍ରଧାନ ଓ ଜୟକାନ୍ତି ପ୍ରଧାନ ସପତ୍ନୀକ ସହଯୋଗ କରିଥିଲେ। ନାମଯଜ୍ଞରେ ଅଚ୍ୟୁତାନନ୍ଦ ପ୍ରଧାନ, ମୁକ୍ତେଶ୍ୱର ଯାନୀ, ପ୍ରଫୁଲ୍ଲ ଛତ୍ରିଆ, ପରମାନନ୍ଦ ବଗର୍ତ୍ତୀ, ଅଶୋକ ଯାନୀ, ସମାରୁ ଯାନୀ, ନରୋତ୍ତମ ପ୍ରଧାନ, ପ୍ରଶାନ୍ତ ଅଙ୍ଗରିଆ, ଗଣେନନ୍ଦ ପ୍ରଧାନ, କୁଇଲି ପ୍ରଧାନ, ସୁନାଧର ମଲ୍ଲିକ, ୱାର୍ଡସଭ୍ୟା ସସ୍ମିତା ମଲ୍ଲିକଙ୍କ ସମେତ ଗୁହିରାପାଲି ଗ୍ରାମବାସୀ ସହଯୋଗ କରିଥିଲେ।

## ବଡ଼ଭଇଁରୋରେ ଆଦିବାସୀ ଉତ୍ସବ




**ତରଭା, ୧୪।୧୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ଅଧୀନ ବଡ଼ଭଇଁରୋ ପଞ୍ଚାୟତ ହାଇସ୍କୁଲ ଖେଳପଡ଼ିଆରେ ଆଦିବାସୀ ଉତ୍ସବ- ୨୦୨୫ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ସୁବର୍ଣ୍ଣପୁର ତରଭା ଶାଖା ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଆଦିବାସୀମାନେ ତାଙ୍କର ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ଯୋଗଦାନ କରିଥିଲେ। ପ୍ରଥମେ ଆଦିଶକ୍ତି ଆଦିମାତାଙ୍କୁ ପୂଜାର୍ଚ୍ଚନା କରାଯାଇ ଆଦିବାସୀ ସମାଜର ଉନ୍ନତି ନିମନ୍ତେ ପ୍ରାଥନା କରାଯାଇ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ତରଭା ବ୍ଲକ ସଭାପତି ବଳଭଦ୍ର କୁଅଁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବଲାଙ୍ଗିର ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ସତ୍ୟ ନାରାୟଣ ଭୋଇ, ସମ୍ମାନିତ ଅତିଥି କଳାହାଣ୍ଡି ଆଦିବାସୀ ସଂଘ ସଭାପତି ପ୍ରକାଶ ମାଝୀ, ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ମହିଳା ସଭା ନେତ୍ରୀ ସସ୍ମିତା ମଲ୍ଲିକ, କନ୍ଧ ସମାଜ ସଭାପତି ଶିବ ପ୍ରସାଦ କୁଅଁର, ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ସୋନପୁର ଉପସଭାପତି ଗୁପ୍ତେଶ୍ୱର ମଲ୍ଲିକ, ସମ୍ପାଦକ ଲମ୍ବୋଦର ଧରୁଆ, କୋଷାଧକ୍ଷ ରୋହିତ କୁଅଁର, ସୋନପୁର ବ୍ଲକ ସଭାପତି ସାହେବ ଭୋଇ, ଡୁଙ୍ଗୁରିପାଲି ବ୍ଲକ ସଭାପତି ସୁରେଶ ଭୋଇ, ଉଲୁଣ୍ଡା ବ୍ଲକ ସଭାପତି ନନ୍ଦନ ବାରିକ, ତରଭା ବ୍ଲକ କାର୍ଯ୍ୟ କାରୀ ସଭାପତି ଗଦିଦାର କୁଅଁର, ବିନକା ବ୍ଲକ ସଭାପତି ବିରଞ୍ଚି କୁଅଁର, ବିଏମ୍‌ପୁର ସମ୍ପାଦକ ପ୍ରମୋଦ ଭୋଇ, ଜିଲ୍ଲା ସଂଯୋଜକ ଅବଧୁତ ଆଡ଼ବାଙ୍କ, କଣ୍ଟାମାଳ ବ୍ଲକ ସଭାପତି ଡମ୍ବୁରୁଧର କୁଅଁର, ସାମନ୍ତ ମାଝୀ, ନରୋତ୍ତମ ମଲ୍ଲିକ, ଅନନ୍ତ କୁଅଁର, ସାଧବ କୁଅଁର, ସତ୍ୟ କୁଅଁର, ରାଜେନ୍ଦ୍ର ଝାଙ୍କର, ସମ୍ପାଦକ କପୁର୍ଚ୍ଚନ ଭୋଇ, ସଭାନେତ୍ରୀ ସାବିତ୍ରୀ ମାଝୀ, ଗୀତାଞ୍ଜଳି ଭୋଇ, କୌଶଲ୍ୟା କୁଅଁର, ଶର୍ମିଷ୍ଠା ମଲ୍ଲିକ ପ୍ରମୁଖ ମଞ୍ଚାସୀନ ଥିଲେ। ସଭାପତି ଶ୍ରୀ କୁଅଁର ଆଦିବାସୀ ଉତ୍ସବର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ବିମଳ ଭୋଇ ସ୍ୱାଗତ କରିଥିଲେ। ରୋହିତ କୁଅଁର ଓ ରାଜୀବ ଭୋଇ ମଞ୍ଚ ପରିଚାଳନା କରିଥିଲେ। ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ଯୋଗୀନ୍ଦ୍ର ଭୋଇ ଆଦିବାସୀଙ୍କ ସମସ୍ୟା, ଜଙ୍ଗଲ ଜମି, ଶିକ୍ଷା ଆଦିବାସୀ ସଂସ୍କୃତି ପରମ୍ପରା ଓ ଆଦିବାସୀ ମାନଙ୍କର ଅଧିକାର ଉପରେ ମତବ୍ୟକ୍ତ କରିଥିଲେ। ଏଥିରେ ସମସ୍ତ ଆଦିବାସୀ ଭାଇ ସମେତ ସମସ୍ତ ଆଦିବାସୀ ସଂଘର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ବିଷ୍ଣୁ ପ୍ରସାଦ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

### ମହାବିଦ୍ୟାଳୟସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ

## ଡିଏଭି ଟିଟିଲାଗଡ଼ ଚାମ୍ପିଅନ

**ତରଭା, ୧୪।୧୨(ସମିସ)**




ତରଭା ଏଇଏସ୍ କଲେଜ ଖେଳପଡ଼ିଆରେ ମହାବିଦ୍ୟାଳୟସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। କଲେଜର ଗଣିତ ବିଭାଗ ପ୍ରମୁଖ ଶିବରାମ ମେହେର ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପିକା ବିନତି ମିଶ୍ର, ସରୋଜିନୀ ପ୍ରଧାନ ଓ କ୍ରୀଡ଼ା ବିଭାଗ ପ୍ରମୁଖ ରୋହିତ ପ୍ରଧାନ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ତରଭା ଏଇଏସ୍ କଲେଜ, ବିଏମ୍‌ପୁର କଲେଜ, ରାଜେନ୍ଦ୍ର ୟୁନିଭରସିଟି, ଟିଚର ଏଜୁକେସନ କଲେଜ, ଜବାହରଲାଲ କଲେଜ ପାଟଣାଗଡ଼, ଡିଏଭି କଲେଜ ଟିଟିଲାଗଡ଼, ବଙ୍ଗୋମୁଣ୍ଡା କଲେଜର ସାତଟି ଦଳ ଅଂଶଗ୍ରହଣ କରିଥିଲେ। ନକ୍‌ଆଉଟ ପଦ୍ଧତି ଆୟୋଜିତ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ଟିଟିଲାଗଡ଼ ଓ ପଟଣାଗଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଟିଟିଲାଗଡ଼ ୩-୦ ସେଟ୍‌ରେ ବିଜୟୀ ହୋଇଥିଲା। ଏଇଏସ୍ କଲେଜ ଓ ରାଜେନ୍ଦ୍ର ୟୁନିଭରସିଟି ବଲାଙ୍ଗିର ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ତରଭା ଏଇଏସ୍ କଲେଜ ୩-୦ ସେଟରେ ବିଜୟୀ ହୋଇଥିଲେ। ଏଇଏସ୍ କଲେଜ ଓ ଡିଏଭି କଲେଜ ମଧ୍ୟରେ ଅନୁଷ୍ଠିତ ଫାଇନାଲରେ ଟିଟିଲାଗଡ଼ ଏଇଏସ୍ କଲେଜକୁ ପରାସ୍ତ କରି ଚାମ୍ପିଅନ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜେନ୍ଦ୍ର ୟୁନିଭରସିଟିର ସ୍ପୋର୍ଟ୍ସ କାଉନସିଲ ସେକ୍ରେଟାରୀ ପ୍ରଧ୍ୟାପକ ବିଶ୍ୱଜିତ ବେହେରା, ଏଇଏସ୍ କଲେଜ ଅଧକ୍ଷ କୃଷ୍ଣଚନ୍ଦ୍ର ମିଶ୍ର ଉପସ୍ଥିତ ରହି ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟକୁ କଲେଜ ପିଇଟି ସଞ୍ଜୀବ ସାହୁଙ୍କ ସମେତ ସୁଦାମ ସାହୁ, ରାମ ନାଏକ କାହ୍ନା ନାଏକ, ରବିନାରାୟଣ ତାଣ୍ଡି ଓ ନୀଳାମ୍ବର ବାରିକ ପରିଚାଳନା କରିଥିଲେ। ଟୁର୍ଣ୍ଣାମେଣ୍ଟ ପରିଚାଳନାରେ କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା, ଅଣ ଶିକ୍ଷକ, କର୍ମଚାରୀ ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

## ବୌଦ୍ଧ ଓ ସୁବର୍ଣ୍ଣପୁର ଜିଲ୍ଲା ବୈଦ୍ୟ ସଙ୍ଘର ସାଧାରଣ ସଭା



**ବୌଦ୍ଧ/ମନମୁଣ୍ଡା/ଶଗଡ଼ା, ୧୪।୧୨(ସମିସ):** ବୌଦ୍ଧ ଜିଲ୍ଲା ମନମୁଣ୍ଡା ନିକଟସ୍ଥ ଭାଲିଆପଦର ମାହେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ବୌଦ୍ଧ ଓ ସୁବର୍ଣ୍ଣପୁର ଜିଲ୍ଲା ବୈଦ୍ୟ (ଚିକିତ୍ସକ) ମାନଙ୍କ ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲ୍ଲା ଆୟୁର୍ବେଦିକ ସଙ୍ଘ ସଭାପତି ଉପେନ୍ଦ୍ର ମେହେର ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୈଦ୍ୟସଙ୍ଘକୁ ପଶ୍ଚିମ ଓଡ଼ିଶା ଓ ରାଜ୍ୟସ୍ତରରେ ସଂଗଠନ କରିବା ପାଇଁ ସଭାରେ ପ୍ରସ୍ତାବ ଆଗତ କରିଥିଲେ। ସମ୍ମାନିତ ଅତିଥି ଭାବେ ସମ୍ବଲପୁର ଜିଲ୍ଲାର ବୈଦ୍ୟ ଦେବରାଜ ବେହେରା, ସୁବର୍ଣ୍ଣପୁର ଜିଲ୍ଲା କମ୍ବୁପାଣି ସାହୁ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ହରଭଙ୍ଗା ବ୍ଲକ ସଭାପତି ସୁଶାନ୍ତ ପ୍ରଧାନ, ସମ୍ପାଦକ ନିର୍ଗୁଣ ମହାକୁଡ଼, କଣ୍ଟାମାଳ ବ୍ଲକ ସଭାପତି ବାମଦେବ ମହାନ୍ତି, ଡୁମୁରିପାଲୀ ବ୍ଲକ ପୂର୍ଣ୍ଣନନ୍ଦ ସାହୁ, ଉଚ୍ଛବ ଯାନୀ, ରଜତ ମହାକୁଡ଼, କୃଷ୍ଣ ସା, ନିଶାନ୍ତର ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ସଭାରେ ବୌଦ୍ଧ ଜିଲ୍ଲା ବୈଦ୍ୟ ସଙ୍ଘ ସଭାପତି ସନ୍ତୋଷ ବାରିକ ସଭାପତିତ୍ୱ କରିଥିଲେ। ସମ୍ପାଦକ କୃତ୍ତିବାସ ପଲିଆ ସଭାରେ ସଂଯୋଜନା କରିଥିଲେ। ବୈଠକରେ କଣ୍ଟାମାଳ ବ୍ଲକ ସଭାପତି ଭାବେ ବାମଦେବ ମହାନ୍ତିଙ୍କୁ ଚୟନ କରାଯାଇଛି।

